୫ ଡେବ୍ୟୁ ମ୍ୟାଚ୍‌ରେ ୪ ୱିକେଟ ନେଇ ରେକର୍ଡ କଲେ ଅଶ୍ୱିନୀ କୁମାର




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୬୪ ● ୨ ଅପ୍ରେଲ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-64 ● 2nd April 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ସମୃଦ୍ଧ ଓଡ଼ିଶା ଗଠନରେ ଆମର ମୁଖ୍ୟ ଆଧାର ହେବ-ଅସ୍ମିତା, ଉଚ୍ଚାଶା ଓ ଅବିଶ୍ରାନ୍ତ ଉଦ୍ୟମ

ଭୁବନେଶ୍ୱର, ୧।୪
ନ୍ୟୁଜ୍ ବ୍ୟୁରୋ




ଆଜି ଓଡ଼ିଶା ଦିବସ । ସାରା ରାଜ୍ୟରେ ଓଡ଼ିଆ ଅସ୍ମିତାର ଉତ୍ସବ । ଏହି ଅବସରରେ ରାଜ୍ୟ ସରକାର ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୁଖ୍ୟ ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ମାଟି ସତ୍ୟଭାମାପୁରରେ ଆୟୋଜନ କରିଛନ୍ତି ରାଜ୍ୟ ସ୍ତରୀୟ ଓଡ଼ିଶା ଦିବସ କାର୍ଯ୍ୟକ୍ରମ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁର ହେଉଛି ଆମ ପାଇଁ ଏକ ପବିତ୍ର ସ୍ଥାନ, ଏକ ତୀର୍ଥ । ଏ ସ୍ଥାନକୁ ଓଡିଆ ଜାତୀୟତାଭାବର ଏକ କେନ୍ଦ୍ର ସ୍ଥଳ ଭାବେ ବିକଶିତ କରାଯିବ ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଆଜି ଦିନଟି ହେଉଛି ଓଡ଼ିଆ ଅସ୍ମିତାର ଦିବସ । ଓଡ଼ିଆ ସ୍ୱାଭିମାନର ଦିବସ । ଓଡ଼ିଆ ଅସ୍ମିତା, ଓଡ଼ିଆ ସ୍ୱାଭିମାନକୁ ଗୁରୁତ୍ୱ ଦେଇ ଓଡ଼ିଶାବାସୀ ଯେଉଁ ପରିବର୍ତ୍ତନ ଆଣିଥିଲେ, ତାକୁ ସମ୍ମାନ ଦେଇ, ଆଜି ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ମଧୁବାବୁଙ୍କ ଗାଁ ମାଟିରେ 'ଓଡ଼ିଶା ଦିବସ' ପାଳନ କରୁଛୁ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବ 'ମଧୁସୂଦନ ଦାସଙ୍କ ଜନ୍ମ ସ୍ଥାନର ସମନ୍ୱିତ ବିକାଶ କାର୍ଯ୍ୟକ୍ରମ'ର ଭିତ୍ତିପ୍ରସ୍ତର ରଖିଥିଲେ । ୨୧ କୋଟି ଟଙ୍କା ବିନିଯୋଗରେ ବିକଶିତ ହେଉଥିବା ଏହି କାର୍ଯ୍ୟକ୍ରମରେ ମଧୁବାବୁଙ୍କ ଜନ୍ମ ସ୍ଥାନର ଉନ୍ନତିକରଣ ସହିତ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ, ଏନ୍ତୁଡିଶାଳର ଉନ୍ନତିକରଣ, ପ୍ରତିମୂର୍ତ୍ତି ନିର୍ମାଣ, ଅତିଥି ଭବନ, ପାଠାଗାର ଏବଂ ସେଠାରେ ଥିବା ଜଳାଶୟରେ ଲାଇଟ ଆଣ୍ଡ ସାଉଣ୍ଡ ସିଷ୍ଟମ ସ୍ଥାପନ ଆଦି କରାଯିବ ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆମର ବରପୁତ୍ର ମାନେ ଯେଉଁ ତ୍ୟାଗ ଓ ସଂଗ୍ରାମ କରିଯାଇଛନ୍ତି, ସେ ଋଣକୁ ଆମେ କେବେ ବି ସୁଝି ପାରିବୁ ନାହିଁ । ତେବେ, ଏକ ସମୃଦ୍ଧ ଓଡିଶା ଗଠନ କରି ସେମାନଙ୍କ ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବୁ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାଢ଼େ ଚାରି କୋଟି ଓଡ଼ିଶାବାସୀ ଯେତେବେଳେ ଏକଜୁଟ ହୋଇ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆଗେଇ ଚାଲିବେ, ସେତେବେଳେ ପୃଥିବୀର କୌଣସି ଶକ୍ତି ତାଙ୍କୁ ଅଟକେଇ ପାରିବେ ନାହିଁ । ସାଢ଼େ ଚାରି କୋଟି ଓଡ଼ିଆଙ୍କ ସ୍ୱପ୍ନ ପୂରଣ ହେବ । ଲକ୍ଷ୍ୟ ସଫଳ ହେବ ।

ଓଡିଶାର ଏହି ମହାପରିବର୍ତ୍ତନର ଯାତ୍ରାରେ ସମସ୍ତେ ସାମିଲ ହୋଇ ସମୃଦ୍ଧ ଓଡ଼ିଶାର ମହାନ ଲକ୍ଷ୍ୟକୁ ହାସଲ କରିବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଥିଲେ ।

ରାଜ୍ୟରେ ଆରମ୍ଭ ହୋଇଥିବା ଓଡିଆ ପକ୍ଷ ପାଳନ କରିବାକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଓଡ଼ିଶାର ପ୍ରକୃତ ସମ୍ପଦ ହେଉଛନ୍ତି ଆପଣମାନେ । ଆମର ସାଢ଼େ ଚାରି କୋଟି ଓଡ଼ିଶାବାସୀ । ଆମର ପ୍ରତ୍ୟେକ ରକ୍ତ ବିନ୍ଦୁରେ ଓଡ଼ିଆ ଅସ୍ମିତା ଭରି ରହିଛି । ଆମର ଚାଲିଚଳଣ, କଥାବାର୍ତ୍ତା, ଖାଦ୍ୟ... ସବୁଥିରେ ଭରି ରହିଛି ଗୋଟିଏ ନିଛକ ଓଡ଼ିଆପଣ । ସେହି ଓଡ଼ିଆପଣ, ଓଡ଼ିଆ ଅସ୍ମିତାକୁ ଆଗେଇ ନେବା ପାଇଁ ଆମେ ପ୍ରତିବଦ୍ଧ । ସେଥିପାଇଁ ଆଜିଠାରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଆମେ 'ଓଡ଼ିଆ ପକ୍ଷ' ପାଳନ କରୁଛୁ ।

ଏହି ସମୟରେ ପ୍ରତ୍ୟେକ ଓଡିଆ ପାରମ୍ପରିକ ଓଡ଼ିଆ ଖାଦ୍ୟ ଖାଇବା, ଓଡ଼ିଆ ପୋଷାକ ପିନ୍ଧିବା ଏବଂ ଓଡ଼ିଆରେ ବାର୍ତ୍ତାଳାପ କରିବା ସହିତ ଓଡ଼ିଆ ପତ୍ରପତ୍ରିକା ମଧ ପଢ଼ିବାକୁ ସେ ଆହ୍ୱାନ ଦେଇଥିଲେ ।

ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ରାଜ୍ୟ ତଥା ରାଜ୍ୟ ବାହାରେ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସମସ୍ତ ଓଡ଼ିଆ ଭାଇ ଭଉଣୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁର କେବଳ ମଧୁବାବୁଙ୍କ ଜନ୍ମମାଟି ନୁହେଁ, ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ତୀର୍ଥ ସ୍ଥଳ । ଆଧୁନିକ ଭାରତରେ ଓଡ଼ିଆ ଭାଷାର ଉତ୍‌ଥାନ ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୁରୋଧାଙ୍କ ଜନ୍ମସ୍ଥଳୀ ହେଉଛି ଏ ପବିତ୍ର ମାଟି । ଯେଉଁ ମାଟିର ସନ୍ତାନ ସବୁ ପ୍ରତିକୂଳ ପରିସ୍ଥିତି (ପୃଷ୍ଠା ୭ରେ)

# ଓଡ଼ିଶା ଦିବସ ପାଇଁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧।୪

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଦିବସ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ ସମୃଦ୍ଧ, ସାଂସ୍କୃତିକ ଐତିହ୍ୟ ଏବଂ ଅବଦାନକୁ ମନେପକାଇବାର ଦିନ । ଓଡ଼ିଶାବାସୀ ଓଡ଼ିଶାର ଉନ୍ନତି ନିମନ୍ତେ କଠିନ ପରିଶ୍ରମ କରିଆସିଛନ୍ତି । ଭାରତୀୟ ସ୍ୱାଧୀନତାରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆଧୁନିକ ଭାରତର ଅନେକ ବିନ୍ଧାଣିଙ୍କୁ ଓଡ଼ିଶା ରାଜ୍ୟ ଜନ୍ମ ଦେଇଛି । ଓଡ଼ିଶାର ଶାନ୍ତି ଓ ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ରାଷ୍ଟ୍ରପତି ପ୍ରକାଶ କରିଛନ୍ତି ।

ଓଡ଼ିଶା ଦିବସ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ଦିବସ ଓଡ଼ିଶାର ସମୃଦ୍ଧ ସଂସ୍କୃତି ପ୍ରତି ଏକ ଉପଯୁକ୍ତ ସମ୍ମାନ । ଓଡ଼ିଶାର ଇତିହାସ, ସାହିତ୍ୟ ଓ ସଂଗୀତକୁ ନେଇ ଗର୍ବିତ ଓଡ଼ିଶାବାସୀ କଠିନ ପରିଶ୍ରମୀ ଏବଂ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଛନ୍ତି । କେନ୍ଦ୍ର ଏବଂ ଓଡ଼ିଶା ସରକାର ରାଜ୍ୟର ପ୍ରଗତି ପାଇଁ ବ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି ।

## ଟ୍ରମ୍ପଙ୍କ ବର୍ତ୍ତମାନର ଯୁଦ୍ଧବିରତି ପ୍ରସ୍ତାବକୁ ଗ୍ରହଣ କରିବା ସମ୍ଭବ ନୁହେଁ : ଋଷ



ମସ୍କୋ, ୧।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଦିଆଯାଇଥିବା ଯୁଦ୍ଧବିରତି ପ୍ରସ୍ତାବକୁ ଗମ୍ଭୀରତାର ସହ ବିଚାର କରାଯାଉଛି, କିନ୍ତୁ ଏହାକୁ ବର୍ତ୍ତମାନର ଡ୍ରାଫ୍ଟ ରୂପରେ ଗ୍ରହଣ କରିପାରିବ ନାହିଁ ବୋଲି ଋଷ କହିଛି । ଏକ ରିପୋର୍ଟ ଅନୁଯାୟୀ, ମସ୍କୋ ମଧ କିଛି ନୂତନ ଦାବି ଜାରି କରିଛି । ଏହି ରିପୋର୍ଟରେ ଋଷ ସରକାରୀ ଗଣମାଧ୍ୟମ ପ୍ରତିଷ୍ଠାନଗୁଡ଼ିକୁ ଉଦ୍ଧୃତ କରାଯାଇଛି । ଋଷର ଉପ-ବୈଦେଶିକ ମନ୍ତ୍ରୀ ସେରଗେଇ ରିଆବକୋଭ କହିଛନ୍ତି ଯେ 'ଆମେରିକୀୟମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମଡେଲ ଏବଂ ସମାଧାନକୁ ଆମେ ବହୁତ ଗମ୍ଭୀରତାର ସହ ନେଉଛୁ' କିନ୍ତୁ ଆମେ ଏହାକୁ ବର୍ତ୍ତମାନର ରୂପରେ ଗ୍ରହଣ କରିପାରିବୁ ନାହିଁ ।

ଋଷର ଉପ-ବୈଦେଶିକ ମନ୍ତ୍ରୀ ସେରଗେଇ ରିଆବକୋଭ ଇଣ୍ଟରନ୍ୟାସନାଲ ଆଫେୟାର୍ସକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ 'ଯେ ପର୍ଯ୍ୟନ୍ତ ଆମେ ଦେଖିପାରୁଛୁ, ଆଜି ଆମର ମୁଖ୍ୟ ଦାବି ପାଇଁ ସେମାନଙ୍କ (ପୃଷ୍ଠା ୭ରେ)

# ଜୁନ୍ ଯାଏ ଦେଶ ବ୍ୟାପୀ ପ୍ରଚଣ୍ଡ ଗ୍ରୀଷ୍ମତାପ

ଭୁବନେଶ୍ୱର, ୧।୪
ନ୍ୟୁଜ୍ ବ୍ୟୁରୋ



ଏପ୍ରିଲରେ ନିଆଁ ବର୍ଷିବ । ଅସହ୍ୟ ତାତି ଅନୁଭୂତ ହେବ । ରାଜ୍ୟରେ ଗ୍ରୀଷ୍ମଲହରୀ ସ୍ୱାଭାବିକରୁ ଅଧିକ ଦିନ ରହିବ । ପ୍ରଚଣ୍ଡ ଖରା ହେବ । ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ଅଧିକ ରହିବ । ଉପକୂଳବର୍ତ୍ତୀ ଜିଲ୍ଲାରେ ତାତି ସାମାନ୍ୟ କମ ରହିପାରେ ଚଳିତ ମାସରେ ଆଭ୍ୟନ୍ତରୀଣ କାଳବୈଶାଖୀ ଜନିତ ଝଡ଼ବର୍ଷା କମ ରହିବାର ସମ୍ଭାବନା ଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ବର୍ଷା ପରିମାଣ ଅଧିକ ରହିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ସେହିପରି ଆସନ୍ତା ୫ରୁ ୬ ତାରିଖ ମଧ୍ୟରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ମଧ ରହିଛି । ସାରା ଦେଶରେ ଏପ୍ରିଲରୁ ଜୁନ ପର୍ଯ୍ୟନ୍ତ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ । କେନ୍ଦ୍ରୀୟ ଏବଂ ପୂର୍ବ ଭାରତ ଏବଂ ଉତ୍ତର-ପଶ୍ଚିମ ସମତଳ ଅଞ୍ଚଳରେ ଭୀଷଣ ଗ୍ରୀଷ୍ମପ୍ରବାହ ହେବ । ଦେଶର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ । ଭାରତର ପଶ୍ଚିମ ଦ୍ୱୀପପୁଞ୍ଜ, ପୂର୍ବ-କେନ୍ଦ୍ରୀୟ ଏବଂ ପୂର୍ବ ଭାରତର କିଛି ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକ ରହିବ ।

ଏପ୍ରିଲରେ ଦକ୍ଷିଣ ଦ୍ୱୀପପୁଞ୍ଜ, ଉତ୍ତର-ପଶ୍ଚିମ ଭାରତର କିଛି ଅଞ୍ଚଳରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକ ରହିବା ସହିତ ଦେଶର ଅନ୍ୟାନ୍ୟ ଅଞ୍ଚଳରେ (ପୃଷ୍ଠା ୭ରେ)

# ନକ୍ସଲବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ଜିଲ୍ଲା ସଂଖ୍ୟା ୬କୁ ହ୍ରାସ

ନୂଆଦିଲ୍ଲୀ, ୧।୪



କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ନକ୍ସଲ ମୁକ୍ତ ଭାରତ ଗଠନ ଦିଗରେ ଏକ ବିଶାଳ ପଦକ୍ଷେପ ଗ୍ରହଣ କରି ଆମ ଦେଶ ବାମପନ୍ଥୀ ଉଗ୍ରବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ଜିଲ୍ଲା ସଂଖ୍ୟା ୧୨ରୁ ମାତ୍ର ୬କୁ ହ୍ରାସ କରି ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି । ସାମାଜିକ ଗଣମାଧ୍ୟମ ଏକ୍ସ ପୋଷ୍ଟରେ ଅମିତ ଶାହ କହିଛନ୍ତି ଯେ ମୋଦୀ ସରକାର ନକ୍ସଲବାଦ ପ୍ରତି କଠୋର ଆଭିମୁଖ୍ୟ ସହିତ ଏକ ସଶକ୍ତ, ସୁରକ୍ଷିତ ଏବଂ ସମୃଦ୍ଧ ଭାରତ ନିର୍ମାଣ କରୁଛନ୍ତି । ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ନକ୍ସଲବାଦକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବାକୁ ଭାରତ ସଂକଳ୍ପବଦ୍ଧ ।

ଦେଶରେ ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୩୮ ଥିଲା । ଏମାନଙ୍କ ମଧ୍ୟରୁ ସର୍ବାଧିକ ପ୍ରଭାବିତ ଜିଲ୍ଲା ସଂଖ୍ୟା ୧୨ରୁ ୬କୁ ହ୍ରାସ ପାଇଛି, ସମ୍ବେଦନଶୀଳ ଜିଲ୍ଲା ସଂଖ୍ୟା ମଧ ୯ରୁ ୬କୁ ହ୍ରାସ ପାଇଛି ଏବଂ ଅନ୍ୟାନ୍ୟ ମାଓ ହିଂସା ପ୍ରଭାବିତ ଜିଲ୍ଲା (ପୃଷ୍ଠା ୭ରେ)

# ଆଜିଠୁ ଯୁକ୍ତ ଦୁଇ ଖାତାଦେଖା : ମେ' ୧୫ ସୁଦ୍ଧା ପ୍ରକାଶ ପାଇବ ଫଳ

ଭୁବନେଶ୍ୱର, ୧।୪
ନ୍ୟୁଜ୍ ବ୍ୟୁରୋ

ବୁଧବାରଠାରୁ +୨ ଖାତାଦେଖା ଆରମ୍ଭ ହେବ । ତେବେ ମେ' ୧୫ ସୁଦ୍ଧା ରେଜଲ୍ଟ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି । ଖରାକୁ ଦୃଷ୍ଟିରେ ରଖି ଦୁଇଟି ସିଫ୍ଟରେ ଖାତା ଦେଖା ହେବ ବୋଲି ସେ କହିଛନ୍ତି । ଅତ୍ୟଧିକ ଖରା ଓ ମୂଲ୍ୟାଙ୍କନ କେନ୍ଦ୍ରର ଦୂରତା ଯୋଗୁ ଅନେକ ଶିକ୍ଷକଶିକ୍ଷୟିତ୍ରୀ ଖାତା ଦେଖିବାକୁ ଆସିବା ବେଳେ ସମସ୍ୟାରେ ପଡିପାରନ୍ତି, ଯାହାକୁ ଦୃଷ୍ଟିରେ ରଖି ମୂଲ୍ୟାଙ୍କନ କେନ୍ଦ୍ର ବଢାଯାଇଛି । ଖାତା ଦେଖା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୮ ହଜାର ଶିକ୍ଷକଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି । ଏକଜାମିନରଙ୍କ ସୁବିଧା ଦୃଷ୍ଟିରୁ ସେମାନଙ୍କୁ ନିଜ ଜିଲ୍ଲାରେ ହୋଇଥିବା ମୂଲ୍ୟାଙ୍କନ କେନ୍ଦ୍ରରେ ଖାତା ଦେଖିବା ପାଇଁ ନିୟୋଜିତ କରାଯାଇଛି । ଏଥିସହିତ ଆଉ ଏକ ବଡ଼ ନିଷ୍ପତ୍ତି ନେଇଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ।

ଏଥର ମାଲ ପ୍ରାକ୍ଟିସରେ ବୁକ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଦିଆଯିବ ବଡ଼ ଆଶ୍ୱସ୍ତି । କୌଣସି ଭୁଲ ନ ଥାଇ ତ୍ରୁଟିପୂର୍ଣ୍ଣ (ପୃଷ୍ଠା ୭ରେ)

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ କଥାହେଲେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ

ନୂଆଦିଲ୍ଲୀ, ୧।୪



ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ, ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଭାରତୀୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ କଥା ହୋଇଛନ୍ତି । ଜନସଂଖ୍ୟା ଏବଂ ବଜାର ଦୃଷ୍ଟିରୁ ବିଶ୍ୱର ଦୁଇଟି ବୃହତ୍ତମ ଦେଶର ରାଷ୍ଟ୍ରପତି ଦ୍ୱିପାକ୍ଷିକ ସମ୍ପର୍କର ୭୫ ବର୍ଷ ପୂରଣ ପାଇଁ ପରସ୍ପରକୁ ଅଭିନନ୍ଦନ ଜଣାଇଛନ୍ତି । ଏହା ସହିତ, ସମ୍ପର୍କକୁ ଆହୁରି ମଜଭୂତ କରିବା ଉପରେ ମଧ ଆଲୋଚନା ହୋଇଥିଲା । ରାଷ୍ଟ୍ରପତି ମୁର୍ମୁ ଏବଂ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ଏହି ଆଲୋଚନା ଏପରି ଏକ ସମୟରେ ହୋଇଥିଲା ଯେତେବେଳେ ଆମେରିକାର ଟ୍ରମ୍ପ ସରକାର ଏକ ଶୁଳ୍କ ଯୁଦ୍ଧ ଚଳାଇଛି ।

ଟ୍ରମ୍ପ ସରକାରଙ୍କ ମନୋଭାବ ଯୋଗୁଁ, ଆମେରିକାକୁ ଅର୍ଥନୀତି ଏବଂ ରଣନୀତି ସ୍ତରରେ ଗମ୍ଭୀର ପରିଣାମ ଭୋଗ କରିବାକୁ ପଡ଼ିପାରେ । ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ ମଧ୍ୟରେ, ଚୀନ ଭାରତ ସହିତ ଆର୍ଥିକ ସମ୍ପର୍କ ଉନ୍ନତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେବାକୁ ସୂଚିତ କରିଛି । (ପୃଷ୍ଠା ୭ରେ)

## ମହଙ୍ଗା ହେଲା ୯୦୦ରୁ ଅଧିକ ଅତ୍ୟାବଶ୍ୟକୀୟ ଔଷଧର ମୂଲ୍ୟ

ନୂଆଦିଲ୍ଲୀ, ୧।୪

୧ ଏପ୍ରିଲରୁ ଦେଶରେ ୨୦୨୫-୨୬ ଆର୍ଥିକ ବର୍ଷ ଆରମ୍ଭ ହୋଇଛି ଏବଂ ୯୦୦ ଅତ୍ୟାବଶ୍ୟକ ଔଷଧର ମୂଲ୍ୟ ବୃଦ୍ଧି ମଧ ନୂତନ ଆର୍ଥିକ ବର୍ଷର ପ୍ରଥମ ଦିନ ଅର୍ଥାତ ମଙ୍ଗଳବାର ଠାରୁ କାର୍ଯ୍ୟକାରୀ ହୋଇଛି । ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଏହି ସମସ୍ତ ୯୦୦ରୁ ଅଧିକ ଅତ୍ୟାବଶ୍ୟକ ଔଷଧର ମୂଲ୍ୟରେ ୧.୭୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘୋଷଣା କରିଛି । ବର୍ଦ୍ଧିତ ମୂଲ୍ୟ ସହିତ ଏହି ଔଷଧ ତାଲିକାରେ ଗୁରୁତର ସଂକ୍ରମଣ, ହୃଦରୋଗ, ମଧୁମେହ ଇତ୍ୟାଦି ରୋଗର ଔଷଧ ଅନ୍ତର୍ଭୁକ୍ତ । ଔଷଧର ମୂଲ୍ୟ ବୃଦ୍ଧି ସମ୍ପର୍କରେ କେନ୍ଦ୍ର (ପୃଷ୍ଠା ୭ରେ)

## ଏକାଳ ପଖାଳ



ଅଣ୍ଡା ତିନି ଦିନ ସହିତ ପିଲାଏ
ମାଣ୍ଡିଆ ଲଡୁର ସ୍ୱାଦ
ପାଠ ପଢିବାକୁ ମନ ଉଚ୍ଛୁଳିବ
ଆଗକୁ ବଢ଼ିବ ପାଦ
ଖାଲି ସଂସ୍କାର ଆଜିର ମନ୍ଦ
ଖାତିରି ନାହିଁ ଗୁରୁଜନଙ୍କୁ
ବାଟ ବାଛୁଥାନ୍ତି ମନ୍ଦ ।

# ବିଳମ୍ବରେ ମିଳିଲା ସ୍ୱୀକୃତି, ମନେ ପକାଇଲେ ସରକାର




■ ବିବେକାନନ୍ଦ ଜେନା

ଯାହେଉ, ବିଳମ୍ବରେ ହେଲେ ବି ଶେଷରେ ସ୍ୱୀକୃତି ମିଳିଲା । ଆଉ ରାଜ୍ୟ ସରକାର ବି ମନେ ପକାଇଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୯ ବର୍ଷ ପୂର୍ତ୍ତି ଅବସରରେ ପାଳନ କରାଯାଉଥିବା ପବିତ୍ର ଓଡ଼ିଶା ଦିବସ ସମାରୋହରେ ମଙ୍ଗଳବାର ଉତ୍କଳ ମାଟିର ସୁଯୋଗ୍ୟ ସନ୍ତାନ, ଅନ୍ୟତମ ବରପୁତ୍ର ତଥା ପ୍ରାତଃସ୍ମରଣୀୟ କର୍ମବୀର ଗୌରୀଶଙ୍କର ରାୟଙ୍କ ଭୂମିକା ଓ ଅବଦାନ ସମ୍ପର୍କରେ ସ୍ମରଣ କରାଯାଉଛି । ଓଡ଼ିଶା ସରକାର (ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ)ଙ୍କ ପକ୍ଷରୁ ପ୍ରଥମ ଥର ପାଇଁ କର୍ମବୀର ଗୌରୀଶଙ୍କର ରାୟଙ୍କ ସମେତ ଆଉ କେତେଜଣ ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ସଭା ସମିତି ଜରିଆରେ ରାଜ୍ୟବାସୀଙ୍କୁ ଅବଗତ କରାଇବା ଏବଂ ବିଭିନ୍ନ ସ୍ଥାନରେ ସେମାନଙ୍କର ଫଟୋ ଚିତ୍ରକୁ ହୋର୍ଡିଂ ଜରିଆରେ ପ୍ରଦର୍ଶନ କରାଇ ପରିଚିତ କରିବା ଲାଗି ସାଧୁ ଉଦ୍ୟମ କରାଯାଇଛି । ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ପ୍ରଶଂସା ମଧ କରାଯାଇଛି । ଓଡ଼ିଶା ସରକାରଙ୍କ ଏହି ଅଭିନବ ପଦକ୍ଷେପ ଏବଂ ମହତ୍ ଯୋଜନାକୁ ରାୟ ପରିବାର ବିଶେଷକରି 'ସମ୍ବାଦ କଳିକା' ଓ 'ଉତ୍କଳ ଦୀପିକା'ର ସମ୍ପାଦକ ଜୟାଶୀଷ ରାୟ ସ୍ୱାଗତ କରିଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଓଡ଼ିଆ (ପୃଷ୍ଠା ୭ରେ)

# ୧୩୯୦ ପଏଣ୍ଟ ଖସିଲା ସେନସେକ୍ସ

ମୁମ୍ବାଇ, ୧।୪



ଭାରତୀୟ ଷ୍ଟକ ବଜାରରେ ସୁଧାରର କୌଣସି ସଙ୍କେତ ଦେଖାଯାଉନାହିଁ । ବେଶ କେତୋଟି ସେସନରେ ବୃଦ୍ଧି ପରେ ମଙ୍ଗଳବାର ପୁଣି ଥରେ ବଜାରରେ ବଡ଼ଧରଣର ହ୍ରାସ ପରିଲକ୍ଷିତ ହୋଇଛି । ବିଏସଇ ସେନସେକ୍ସ ୧୩୯୦.୪୧ ପଏଣ୍ଟ ହ୍ରାସ ପାଇ ୭୬୦୨୪.୫୧ ରେ ବନ୍ଦ ହୋଇଥିଲା । ସେହିପରି ଏନଏସଇ ନିଫ୍ଟି ମଧ ୩୫୩.୬୫ ପଏଣ୍ଟ ହ୍ରାସ ପାଇ ୨୩୧୬୫.୭୦ ପଏଣ୍ଟରେ ବନ୍ଦ ହୋଇଛି । ମଙ୍ଗଳବାର ବଜାରରେ ଚାରିଆଡ଼େ ବିକ୍ରୟ ହେଉଥିଲା ।

କୁହାଯାଉଛି ଯେ ଟ୍ରମ୍ପଙ୍କ ଦ୍ୱାରା ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିବା ଆଶଙ୍କାରେ ସମଗ୍ର ବିଶ୍ୱର ପ୍ରମୁଖ ଷ୍ଟକ ବଜାରଗୁଡ଼ିକରେ ହ୍ରାସ ପରିଲକ୍ଷିତ ହୋଇଛି । ସେହିପରି ତେଲଦର ବୃଦ୍ଧି ନିବେଶକଙ୍କ ମନୋଭାବକୁ ଦୁର୍ବଳ କରିଛି ।

ବଜାରରେ ବଡ଼ଧରଣର ହ୍ରାସ ଯୋଗୁଁ ନିବେଶକଙ୍କ କୋଟି କୋଟି ଟଙ୍କା କ୍ଷତି ହୋଇଛି । ୨୮ ମାର୍ଚ୍ଚରେ ଯେତେବେଳେ ବଜାର ବନ୍ଦ ହୋଇଥିଲା ସେତେବେଳେ ବିଏସଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ୪୧୨୮୭୬୪୬ କୋଟି ଟଙ୍କା ଥିଲା । ଆଜିର ବିକ୍ରୟରେ ବଜାର ପୁଞ୍ଜି ୪୦୯୬୪୮୨୧.୬୫ (ପୃଷ୍ଠା ୭ରେ)





# ବାଲିସାହିକୁ ବିଦେଶୀ ମଦ ଦୋକାନ ସ୍ଥାନାନ୍ତରକୁ ବିରୋଧ କରି ଜିଲ୍ଲାପାଳଙ୍କୁ ଦାବିପତ୍ର

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଗୋଡ଼ା ଠାରୁ ବାଲିସାହିକୁ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର କରିବା ପାଇଁ ବାଲିସାହି ଅଜୀରା, କଂସାରୀକୁଦ, ଶ୍ମଶାନପଡ଼ା ଗ୍ରାମର ଅଧିବାସୀ ମାନେ ଜଗତସିଂହପୁର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନୂତନ ମଦ ଦୋକାନ ଖୋଲିବାକୁ ନେଇ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଦଳର ମହିଳାମାନେ ବିରୋଧ କରି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମଦ ଦୋକାନକୁ ନେଇ,ଅପରପକ୍ଷ ମଦ ଦୋକାନ ବ୍ୟବସାୟୀ କଲେ ମହିଳାଙ୍କୁ ଅସ୍ତ୍ର, ମହିଳାମାନଙ୍କୁ ଭଡ଼ା ଗାଡ଼ିରେ ଆଣି ଖାଇବା ପିଇବା ଓ ଛତା ସହିତ ପ୍ରଚୁର ଅର୍ଥଦେଇ କଲେ ବିରୋଧ ବାଲିକୁଦା ବ୍ଲକ ଗୋଡ଼ା ବିଦେଶୀ ମଦଦୋକାନ ଖୋଲାଗଲେ ସ୍ଥାନୀୟ ଶୁନସାନ ମହଲା, ଗୋପାଳପୁର, ଇନ୍ଦିରା କଲୋନୀ, ନରସିଂହପୁର ମୌଜା ବାସୀଙ୍କର ବହୁତ୍ ଅସୁବିଧା ହେବ। ଏହି କଂସାରୀକୁଦ ଠାରୁ ଅନତି ଦୂରରେ ରହିଛି ଆଉ ଏକ ସରକାରୀ ଠିପି ବନ୍ଦ ମଦ ଦୋକାନ ଗୋଟିଏ ରାସ୍ତାରେ ଗୋଟିଏ ମଦଦୋକାନ ଥିବା ବେଳେ ଆଉ ଗୋଟିଏ ନୂଆ ବିଦେଶୀ ମଦଦୋକାନକୁ ବିରୋଧ କ'ଣ ପାଇଁ ଏଠି ପ୍ରଶ୍ନ ଉଠୁଛି ଯେ ଜିଲ୍ଲାରେ ୭୧ ଟି ସରକାରୀ ଲାଇସେନ୍ସ ପ୍ରାପ୍ତ ମଦଦୋକାନ ମଧ୍ୟରୁ ୨୪ ଟି ମଦଦୋକାନର ଲାଇସେନ୍ସ ମହିଳାଙ୍କ ନାମରେ ରହିଛି, ଗୋଟେ ପଟେ ମହିଳା ମାନଙ୍କ ନାମରେ ମଦଦୋକାନ ଲାଇସେନ୍ସ ସରକାର ସ୍ୱୀକୃତି ଦେଉଥିବା ବେଳେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପକ୍ଷରୁ ବିରୋଧ ପ୍ରଦର୍ଶନ କରିବା ଏକ ପ୍ରକାର ପ୍ରହସନ ପାଲଟିଛି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ବାଲିକୁଦା ବ୍ଲକର ଦୁଇ ମଦ ମାଲିକଙ୍କ କଳିରେ ବଳି ପଡୁଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ପ୍ରଲୋଭନରେ ପକାଇ କିଛି ଅର୍ଥଲୋଭ ଦେଖାଇବା ସହିତ ଗାଡ଼ିରେ ଆସି ମହିଳାମାନେ ନିଜର ବ୍ୟକ୍ତିତ୍ୱ ହରାଉଛନ୍ତି। ନୂତନ ଭାବରେ ଖୋଲିବାକୁ ଥିବା ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ମହିଳାମାନେ ଦାବି କରିଛନ୍ତି, ସେହି ରାସ୍ତା ଦେଇ ସ୍କୁଲ, କଲେଜ ଓ ଅଞ୍ଚଳର ଝିଅ ବୋହୂ ମାନେ ଯାତାୟାତ କରନ୍ତି। ଯଦି ପ୍ରକୃତରେ ମହିଳାମାନେ ମଦ ବିରୋଧରେ ଆନ୍ଦୋଳନ କରୁଛନ୍ତି ତା'ହେଲେ ସମ୍ପୂର୍ଣ୍ଣ ବାଲିକୁଦା ବ୍ଲକରେ ଥିବା ମଦଦୋକାନ ଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ପାଇଁ ଆନ୍ଦୋଳନ କରନ୍ତୁ ତାହା ନକରି କେବଳ ଜଣେ ମଦ ବ୍ୟବସାୟୀ ଠାରୁ କିଛି ଅର୍ଥ ଆଣି ଗୋଟିଏ ଦୋକାନକୁ ବନ୍ଦ କରିବା ଠିକ ନୁହେଁ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି, କେବଳ ଏହି ନୂତନ ମଦଦୋକାନ ନୁହେଁ ପୁରୁଣା ଦୋକାନ ବନ୍ଦ କରିବା ପାଇଁ ଦାବି କରି ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ମହିଳାମାନଙ୍କୁ ସଂଶକ୍ତିକରଣ କରିବା ପାଇଁ ରାଜ୍ୟ ସରକାର ମିଶନ ଶକ୍ତି ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁ ଯଥେଷ୍ଟ ଅର୍ଥ ପ୍ରଦାନ କରିଛନ୍ତି। ହେଲେ ଆଉ କିଛି ଅଧିକ ଅର୍ଥ ଲୋଭରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପଥଭ୍ରଷ୍ଟ ହେଉଛନ୍ତି। ଏଥି ପ୍ରତି ମହିଳାମାନେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସେଠାରେ ଆଗରୁ ମଦ ଦୋକାନ ଥିଲା ତାହା ବିରୋଧ ଯୋଗୁଁ ବନ୍ଦ ହୋଇଥିଲା, ପୁନର୍ବାର ସେଠାରେ ମଦଦୋକାନ ଖୋଲିବା ପାଇଁ ବିଭାଗ ପକ୍ଷରୁ ନୋଟିଫିକେସନ କରାଯାଇଥିଲା, ସେତେବେଳେ ମହିଳାମାନେ ଚାହିଁଥିଲେ ପ୍ରତିବାଦ କରି ବନ୍ଦ କରିଥାନ୍ତେ। ହେଲେ ସେହି ସ୍ଥାନ ଠାରୁ କିଛିଦୂରରେ ଥିବା ଆଉ ଏକ ସରକାରୀ ଠିପି ବନ୍ଦ ମଦଦୋକାନ ଚାଲୁଛି କିଛି ସମସ୍ୟା କି ଅସୁବିଧା ହେଉନି। ଏଠାରେ ଆଉ ଗୋଟେ ନୂଆ ମଦଦୋକାନ ଖୋଲିଲେ ପୁରୁଣା ମଦଦୋକାନର ବ୍ୟବସାୟ କମିଯିବା ଭୟରେ ପୁରୁଣା ମଦ ଦୋକାନର ମାଲିକ ମହିଳାମାନଙ୍କୁ ଧରି ଏଭଳି ଅଭିନବ ଉପାୟରେ ବିରୋଧ ଆରମ୍ଭ କରିଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏସଂପର୍କରେ ଜିଲ୍ଲା ଅବକାରୀ ନିରୀକ୍ଷକ ଅନିତା ପ୍ରଧାନଙ୍କୁ ଏହି ଘଟଣା ବାବଦରେ ଜାଣିବାକୁ ତାଙ୍କ ସହ ଟେଲିଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ

# 'ଦୃଢ଼ ଆତ୍ମବିଶ୍ୱାସ ଦ୍ୱାରା ଛାତ୍ରୀମାନେ ସ୍ୱପ୍ନ ସାକାର କରିପାରିବେ'

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ା ସହର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ଆଠ ଦିନ ବ୍ୟାପୀ ବାଳିକା ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ ଅଧ୍ୟକ୍ଷତା କରିବା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଦୃଢ ଆତ୍ମବିଶ୍ୱାସ ସହ ନକାରାତ୍ମକ ଚିନ୍ତାଧାରାକୁ ପରିତ୍ୟାଗ କରିପାରିଲେ ଛାତ୍ରୀମାନେ ନିଜର ସ୍ୱପ୍ନକୁ ସାକାର କରିବା ସହିତ ନିଜ ବାପା-ମା'ଙ୍କର ଅଭିଳାଷକୁ ପୂରଣ କରିପାରିବେ ବୋଲି ମୁଖ୍ୟ ଅତିଥି କେନ୍ଦ୍ରାପଡ଼ା ସହର ଥାନାର ଆଇ.ଆଇ.ସି ଦିଲ୍ଲୀପ୍ କୁମାର ସାହୁ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ତଥା ଶିକ୍ଷକ ପରିଷଦର ସମ୍ପାଦକ ଡଃ ମଥୁରୀ ଚରଣ ନାୟକ ଏବଂ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପିକା ଜ୍ୟୋସ୍ନାମୟୀ ପତି ମଞ୍ଚ ମଣ୍ଡନ କରି ଆତ୍ମସୁରକ୍ଷା ତାଲିମ୍‌ର ଉପାଦେୟତା ସମ୍ପର୍କରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସୁରିତା ମିଶ୍ର ୮ ଦିନ ବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତା ସଂଯୁକ୍ତା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସହାୟକ ବଳରାମ ବାରିକ ଓ ଗୌରାଙ୍ଗ ଚରଣ ବେହେରା ପରିଚାଳନା କରିଥିଲେ।

# ହିନ୍ଦୁ ଜାଗୃତି ମଞ୍ଚ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳିତ



**କେନ୍ଦୁଝର, ନ୍ୟୁଜ୍**

ହିନ୍ଦୁ ଜାଗୃତି ମଞ୍ଚ ପକ୍ଷରୁ କେନ୍ଦୁଝର ସହରର ଷ୍ଟାଡିଅମ ଠାରେ ଧୂମଧାମ୍‌ରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଏହି ଭବ୍ୟ ରାଷ୍ଟ୍ରୀୟ ନବବର୍ଷ ପାଳନ କରିବା ସହିତ ଚୈତ୍ର ଶୁକ୍ଳ ପ୍ରତିପଦା ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲା ହିନ୍ଦୁ ଜାଗୃତି ମଞ୍ଚ। ହିନ୍ଦୁ ଜାଗୃତି ମଞ୍ଚର ଉପଦେଷ୍ଟା ଦେବରାଜ ଆଚାର୍ଯ୍ୟ ଏବଂ ଡଃ ଅରୁଣ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ମୁଖ୍ୟ ବକ୍ତା ଭାବେ ଓଡ଼ିଶା ପୂର୍ବପ୍ରାନ୍ତ ହିନ୍ଦୁ ଜାଗରଣ ସଂଗଠନ ମନ୍ତ୍ରୀ ତନ୍ମୟ ଦାଶ ଉପସ୍ଥିତ ହୋଇ ଏହି ରାଷ୍ଟ୍ରୀୟ ନବବର୍ଷର ମହତ୍ୱ ସମ୍ପର୍କରେ ବୌଦ୍ଧିକ ରଖିଥିଲେ। ସମସ୍ତେ ସମସ୍ତଙ୍କୁ ରାଷ୍ଟ୍ରୀୟ ନବବର୍ଷର ଅଭିନନ୍ଦନ ବାର୍ତ୍ତା ପଠାଇବା ସହିତ ଘରେ ଘରେ ତୋରଣ ଲଗାଇ ଝୋଟି ଓ ମୁରୁଜ ପକାଇବା ଓ ପ୍ରଭାତରେ ଶଙ୍ଖଧ୍ୱନି କରି ଠାକୁରଙ୍କ ପାଖରେ ଦୀପ ଜଳାଇବା ପାଇଁ ଶ୍ରୀ ଦାଶ ତାଙ୍କର ବୌଦ୍ଧିକ ରେ କହିଥିଲେ। ଘରେ ଶୁଭ କଳସ ବସାଇବା, ଘର ଉପରେ ଗୈରିକ ପତାକା ଲଗାଇବା ସହିତ ଗୋମାତାର ସେବା ଓ ପୂଜା କରିବା, ନିଜ ଘରେ ପିଠାପଣା କରି ପରିବାର ସହିତ ପାଖ ପଡ଼ୋଶୀମାନଙ୍କୁ ଆପାୟିତ କରିବା ତଥା ଦରିଦ୍ର ନାରାୟଣଙ୍କର ସେବା କରିବାକୁ ଶ୍ରୀ ଦାଶ ତାଙ୍କ ବକ୍ତବ୍ୟ ରେ କହିଥିଲେ। ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲେ ହିନ୍ଦୀ ସଙ୍ଗୀତ ଜଗତର ସୁନାମଧନ୍ୟ କଣ୍ଠଶିଳ୍ପୀ ପୂଜା ଗଲହାନି। ତାଙ୍କର ଯାଦୁକରି କଣ୍ଠରେ ବିଭିନ୍ନ ଭଜନ ତଥା ଦେଶାତ୍ମକ ସଂଗୀତର ତାଳେ ତାଳେ ନାଚିବାକୁ ଲାଗିଥିଲେ ଦର୍ଶକ। ହିନ୍ଦୁ ଜାଗୃତି ମଞ୍ଚର ସଂଯୋଜକ ଦୁର୍ଯ୍ୟୋଧନ ମହାନ୍ତ, ସହ-ସଂଯୋଜକ ନିରଞ୍ଜନ ପଲେଇ, ସକ୍ରିୟ ସଦସ୍ୟ ପ୍ରମୋଦ ରାମ, ପ୍ରତାପ ଝରା, ପ୍ରଦୀପ ସାହୁ, ରଞ୍ଜିତ ସାହୁ, ବିଷ୍ଣୁ ଶର୍ମା, ମିଳନ ନାଏକ, ଲକ୍ଷ୍ମୀଧର ନାଏକ, ରାମଚନ୍ଦ୍ର ବିଶ୍ୱାଳ, ଅବିନାଶ ଦାଶ, ପ୍ରଣବ ବେହେରା ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ହିନ୍ଦୁ ଜାଗୃତି ମଞ୍ଚ ଶତାଧିକ ସଦସ୍ୟଙ୍କ ସହଯୋଗରେ ଏହି ରାଷ୍ଟ୍ରୀୟ ନବବର୍ଷ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ଜୁନିଅର ରେଡ଼କ୍ରସ ଅଣତାଲିମପ୍ରାପ୍ତ କାଉନସେଲରମାନଙ୍କ ତାଲିମ ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**




ଇଣ୍ଡିଆନ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ତିନି ଧରି ଚାଲିଥିବା ଜିଲ୍ଲାସ୍ତରୀୟ ଜୁନିଅର ରେଡ୍‌କ୍ରସ ଅଣତାଲିମପ୍ରାପ୍ତ କାଉନସେଲର ମାନଙ୍କ ପ୍ରଶିକ୍ଷଣ ଶିବିର କୁଳିଅଣା ବ୍ଲକସ୍ଥିତ ଆଦିତ୍ୟ କାନୁନଗୋ ସରକାରୀ ଉଚ୍ଚ ବିଦ୍ୟାପୀଠ, ହାତୀମଡା ଠାରେ ଉଦ୍‌ଯାପିତ ହୋଇଯାଇଛି। ଜୁନିଅର ରେଡ୍‌କ୍ରସ ଜିଲ୍ଲା ସମ୍ପାଦକ ଭାଗିରଥି ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗ ଦେଇ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ସେବା ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଓ ଯୁଥ ରେଡ୍‌କ୍ରସ କାଉନସେଲର ତଥା ପ୍ରାଣୀ ବିଜ୍ଞାନର ଅଧ୍ୟାପକ ଡ ଅନ୍ନପୂର୍ଣ୍ଣା ଧଳ ଯୋଗ ଦେଇଥିଲେ। ଜୁନିଅର ରେଡ୍‌କ୍ରସ ଜିଲ୍ଲା ସମ୍ପାଦକ ଭାଗିରଥି ମଲ୍ଲିକ ତିନି ଦିନ ଶିବିରର ବିବରଣୀ ଉଲ୍ଲେଖ କରିଥିଲେ। ନୂତନ କାଉନସେଲରମାନଙ୍କୁ ଜୁନିଅର ରେଡ୍‌କ୍ରସର ଶପଥପାଠ ସହ ସ୍କାରଫ ଓ ଅଗୁଲ ପିନ୍ଧାଇ ପ୍ରମାଣପତ୍ର ଓ ଜୁନିଅର ରେଡ୍‌କ୍ରସର ବେନିୟନ ପ୍ରଦାନ କରାଯାଇଥିଲା। ଅତିଥି ପରିଚୟ ଜିଲ୍ଲା ଜୁନିଅର ରେଡ୍‌କ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି, କାର୍ଯ୍ୟକ୍ରମ ସଂଯୋଜନା ରାଜ୍ୟର ଅନ୍ୟତମ ବରିଷ୍ଠ ସାଧନକର୍ମୀ ତଥା ମୟୂରଭଞ୍ଜ ଜିଲ୍ଲା ପ୍ରୋଗ୍ରାମ ଅଫିସର ସାଧନକର୍ମୀ ଉମାକାନ୍ତ ବେହେରା, ଧନ୍ୟବାଦ ଅର୍ପଣ ଜୁନିଅର ରେଡ୍‌କ୍ରସ ଜିଲ୍ଲା ସଂଯୋଜକ ଡ. ଶଶୀଧର ବିଶ୍ୱାଳ କରିଥିଲେ। ଶିବିରରେ ପ୍ରଶିକ୍ଷକ ଭାବେ ରାଜ୍ୟ ସାଧନକର୍ମୀ ବାମନ ଚରଣ ମହାନ୍ତି, ରାଜ୍ୟ ସାଧନ କର୍ମୀ ଉମାକାନ୍ତ ବେହେରା, ରାଜ୍ୟ ସାଧନକର୍ମୀ ସତ୍ୟନାରାୟଣ ଦାସ, ରାଜ୍ୟ ସାଧନକର୍ମୀ ଡ ଶଶୀଧର ବିଶ୍ୱାଳ, ରାଜ୍ୟ ସାଧନକର୍ମୀ ଡ ରମାକାନ୍ତ ମହାନ୍ତ, ଓଷ୍ଟା ଶିକ୍ଷକ ସଙ୍ଘର ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଲତା, ବରିଷ୍ଠ ସେଣ୍ଟ୍ରାଲ ଅଫିସିଆଲ ହରିଶ୍ଚନ୍ଦ୍ର ରାଉତ, ଜିଲ୍ଲା ପ୍ରଶିକ୍ଷକ ଦୀପକ ରାମ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ମିତା ହାଁସଦା ପ୍ରମୁଖ ନୂତନ ତାଲିମପ୍ରାପ୍ତ କାଉନସେଲର ମାନଙ୍କୁ ବିଶ୍ୱ ଭାତୃତା ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ସେଣ୍ଟ୍ରାଲ ଅଫିସିଆଲ ପଙ୍କଜ ବେହେରା, ବୀରେନ୍ଦ୍ର ଦଳେଇ, ମନୋରଞ୍ଜନ ମହାନ୍ତ,ଆୟୋଜକ ବିଦ୍ୟାଳୟର ପିଇଟି ପ୍ରଦୀପ ଚୌଧୁରୀ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବିନା କାଗଜପତ୍ରରେ ଚାଲିଛି ଶହଶହ ଗାଡ଼ି

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ବିନାକାଗଜ ପତ୍ରରେ ଶହଶହ ଗାଡ଼ି ଚାଲୁଥିବା ବେଳେ ଚଣ୍ଡିଖୋଲ ଆରଟିଓ କିମ୍ବା ଧର୍ମଶାଳା ପୋଲିସ କେହି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି। ବିନା ପର୍ମିସନରେ ଡିଜେ ମାଇକ୍ ଗାଡ଼ିରେ ବାନ୍ଧି ରାସ୍ତାଘାଟରେ ପ୍ରଚଣ୍ଡ ଶବ୍ଦରେ ବଜାଯାଉଛି। ଶବ୍ଦରେ ୨ମାସ ହେଲା ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବ୍ୟବହାର ହେଉଥିବା ସେ ଗାଡ଼ି ସବୁର ପରମିଟ୍, ଇନସୁରାନ୍ସ, ଫିଟନେସ୍, ପଲୁସନ୍ ସାର୍ଟିଫିକେଟ ନାହିଁ। ବିନା କାଗଜ ପତ୍ରରେ ଗାଡ଼ିସବୁ ଚାଲୁଥିଲେ ମଧ୍ୟ ପରିବହନ ବିଭାଗ ପକ୍ଷରୁ ତନଖି ହେଉ ନାହିଁ। ଖୋଲମ୍ ଖୋଲା ଆଇନ୍ ଉଲ୍ଲଙ୍ଘନ ହେଉଥିବାବେଳେ ପୋଲିସ ନୀରବ ଦ୍ରଷ୍ଟା ସାଜିଛି।

## ଜାତୀୟ ସ୍ତରୀୟ ଆଲୋଚନା ଚକ୍ର, ସାରସ୍ୱତ ମହାକୁମ୍ଭ ଓ ନାଗରିକ ସମ୍ମାନ ସମାରୋହ

# ବିକଶିତ ଭାରତ ଗଠନରେ ନାଗରିକମାନଙ୍କ ଭୂମିକା ଉପରେ ଆଲୋକପାତ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଶାର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ହାପି ମୋମେଣ୍ଟସ ଇଣ୍ଡିଆ ପକ୍ଷରୁ ଜାତୀୟ ସ୍ତରୀୟ ଆଲୋଚନାଚକ୍ର ଏବଂ ନାଗରିକ ସମ୍ମାନ ସମାରୋହ ଶ୍ରୀକ୍ଷେତ୍ର ପୁରୀ ସ୍ଥିତ ସଂସ୍କୃତି ଭବନ ପରିସରରେ ମହା ଆଡ଼ମ୍ବରର ସହ ପାଳିତ ହୋଇ ଯାଇଛି। କାର୍ଯ୍ୟକ୍ରମଟି ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ରାଜ୍ୟର ସମସ୍ତ ପ୍ରତିନିଧିଙ୍କ ସହଭାଗିତାରେ ଏହା ସୁନ୍ଦର ଭାବେ ଆୟୋଜିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଉଦ୍‌ଘାଟକ ଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର, ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁବାଶିଷ ଖୁଣ୍ଟିଆ ସମାଜ-ସେବୀ ବନ୍ଦନା ହରିଚନ୍ଦନ, ଦାର୍ଶନିକ ପଣ୍ଡିତ ନୀଳକଣ୍ଠ ରାଉତ ଏବଂ ହାପି ମୋମେଣ୍ଟସର ରାଜ୍ୟ ପ୍ରମୁଖ ତଥା ସମାଜସେବୀ ଶଶଧର ପଣ୍ଡା ଯୋଗଦାନ କରି ବିକଶତ ଭାରତ ବର୍ଷର ଗଠନରେ ନାଗରିକଙ୍କ କର୍ତ୍ତବ୍ୟ ଓ ନାରୀମାନଙ୍କ ସଶକ୍ତିକରଣ ତଥା ସମାଜକୁ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ମଧ୍ୟରେ ମୁଖ୍ୟ ଆକର୍ଷଣ ଶିଶୁ କଳାକାରମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ପରିବେଷଣ କରାଯାଇଥିଲା। ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ମଧ୍ୟରେ ଡିମ୍ପଲ ସାହୁ, ନିବେଦିତା ଜେନା, ଶୁଭ୍ରା ପଣ୍ଡା, ସୌଦାମିନୀ ଦାଶ, ପ୍ରିୟମ୍ବଦା ଦାଶ, ପାର୍ଥ ରାଉତ, ଗୀତାଞ୍ଜଳି ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶାର ୨୪ ଜିଲ୍ଲାର ୧୦୮ ଜଣ ପ୍ରତିଭାବାନ ବ୍ୟକ୍ତିଙ୍କୁ ମଞ୍ଚ ଉପରେ ପୁଷ୍ପଗୁଚ୍ଛ ମାନପତ୍ର, ଉତ୍ତରୀୟ ଏବଂ ଟ୍ରଫି ପ୍ରଦାନ କରାଯାଇ ଏକାମ୍ର ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ତୃତୀୟ ପର୍ଯ୍ୟାୟରେ ସାରସ୍ୱତ ମହାକୁମ୍ଭ ଓ କବିତା ଆସର ଆୟୋଜିତ ହୋଇଥିଲା। ଏଥିରେ ପଣ୍ଡିତ ନୀଳକଣ୍ଠ ରାଉତ ସଭାପତି, ସାହିତ୍ୟିକ ଦାଶ ବେନହୁର ମୁଖ୍ୟବକ୍ତା ଓ ଉପଦେଷ୍ଟା କୁଞ୍ଜବିହାରୀ ରାଉତ ସମ୍ମାନିତ ଅତିଥି ତଥା ସଂଯୋଜକ ଭାବେ ଯୋଗଦେଇ କବିତା ଆସରକୁ ସଂଯୋଜନା କରିଥିଲେ। ରାଜ୍ୟ ସାଂସଦ ଶ୍ରୀ ଖୁଣ୍ଟିଆ ଏବଂ ପ୍ରସିଦ୍ଧ ଲେଖକ ଦାଶ ବେନୁହର ହାପି ମୋମେଣ୍ଟସର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ। ନିଜେ ଆନନ୍ଦରେ ରହିବା ଏବଂ ସମାଜରେ ଆନନ୍ଦ ବିସ୍ତାର କରିବା ମୂଳ ଲକ୍ଷ୍ୟ ନେଇ କାମ କରୁଥିବା ଅନୁଷ୍ଠାନ ହାପି ମୋମେଣ୍ଟସ ଇଣ୍ଡିଆ ଆବଳା ବୃଦ୍ଧ, ବନିତାଙ୍କର ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଶିବାନନ୍ଦ ବାରିକ ମଞ୍ଚ ସଂଯୋଜନା କରିଥିଲାବେଳେ ଦକ୍ଷିଣ ଓଡ଼ିଶାର ରାଜ୍ୟ ପ୍ରତିନିଧି ପ୍ରଦୀପ ଚୈଧୁରୀ ପ୍ରଶାନ୍ତ ଶତପଥି, ମାନୋଷି ଘୋଷ, ଜ୍ୟୋସ୍ନିତା ଘୋଷ, ନିତୁ ମହାନ୍ତି ସହାୟକ ଭାବେ ସହଯୋଗ କରିଥିଲେ। ଶେଷରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଶେଷରେ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ତ୍ତ ବିଭାଗ ଏସ୍‌ଡିଓଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ-୧ ର ଏସ୍‌ଡିଓ ଅଜାମୁଦ୍ଦିନ ଖାନଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ବିଭାଗୀୟ କର୍ମଚାରୀ, ବହୁ ସଂଖ୍ୟକ ଠିକାଦାର ପ୍ରମୁଖ ଉପସ୍ଥିତ ରହି ଅବସର ଗ୍ରହଣ କରୁଥିବା ଏସଡିଓ ଶ୍ରୀ ଖାନ ଓ ବରିଷ୍ଠ କିରାଣୀ ମହେନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧନା ଦେବା ସହ ତାଙ୍କର ଅବସର କାଳୀନ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ନିହାର ରଞ୍ଜନ ବଳ, ଜୟନ୍ତ କୁମାର ସ୍ୱାଇଁ, ବିଜୟଲକ୍ଷ୍ମୀ ପତି, ସତ୍ୟବତୀ ସାହୁ, ପିତାମ୍ବର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।



# ସଦାବର୍ତ୍ତ ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସଦାବର୍ତ୍ତ ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ଆମ ଖେଳନା ଓ ଆମ ସଂସ୍କୃତି କାର୍ଯ୍ୟକ୍ରମ ଏବଂ ବାର୍ଷିକ ଉତ୍ସବ-୨୦୨୫ ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଲଳିତା କୁମାରୀ ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କବିସୂର୍ଯ୍ୟନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସାହୁ, ମୁଖ୍ୟ ବକ୍ତା ଡକ୍ଟର ସୁରେନ୍ଦ୍ର ନାଥ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ସି.ଆର.ସି.ସି ରମେଶ ଚନ୍ଦ୍ର ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ନିକୁଞ୍ଜ ବିହାରୀ ଚୌଧୁରୀ ଓ ବରିଷ୍ଠ ଶିକ୍ଷକ ଅରୁଣ କୁମାର ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟ ତଥା ଛାତ୍ରଛାତ୍ରୀମାନଙ୍କର ଉନ୍ନତି କାମନା କରିଥିଲେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ସାହୁ। ଛାତ୍ରଛାତ୍ରୀଙ୍କୁ ବିଦ୍ୟାଧନର ମହତ୍ୱ ବୁଝାଇବା ସହିତ ଉତ୍ତମ ଚରିତ୍ରବାନ୍ ହେବା ପାଇଁ ଅଭିମନ୍ତ୍ରିତ କରିଥିଲେ ପ୍ରଧାନଶିକ୍ଷକ ଡକ୍ଟର ସାହୁ। ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କରା ଯାଇଥିବା ଆମ ଖେଳନା ଓ ଆମ ସଂସ୍କୃତିର ଭାଷା ଓ ସଂଖ୍ୟାଜ୍ଞାନ ଶିକ୍ଷଣୀୟ ଉପକରଣଗୁଡ଼ିକ ସୁନ୍ଦର ଓ ଆକର୍ଷଣୀୟ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ ଓ ବିଦ୍ୟାଳୟ ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା, ଶିକ୍ଷୟିତ୍ରୀ ଦିବ୍ୟାନୀ ମାର୍ଥା ଓ ରଜନୀରାଣୀ ଦଳାଇ ତଥା ଚିରଞ୍ଜିବୀ ସ୍ୱାଇଁ ଓ ଗଙ୍ଗାଧର ସ୍ୱାଇଁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ବହୁ ସଦସ୍ୟ ସଦସ୍ୟା ଏବଂ ଗ୍ରାମର ବହୁ ପୂର୍ବତନ ଛାତ୍ରଛାତ୍ରୀଙ୍କ ସହଯୋଗରେ ଉତ୍ସବଟି ଅପୂର୍ବ ସଫଳତା ହାସଲ କରିଥିଲା।

# ସୋନପୁରରେ ଶିଶୁବାଟିକା ତାଲିମ ଶିବିର ଉଦ୍‌ଯାପିତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶିବିରକୁ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ଭୋଇଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଉଦ୍ଦେଶ୍ୟ ଜ୍ଞାପନ କରାଯାଇଥିଲା। ଗଡ଼ଭିତର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୁଦ୍ଧଦେବ ସାଙ୍କ ତତ୍ତ୍ୱାବଧାନରେ ତାଲିମ ଶିବିର ସାଧନ କର୍ମୀ ଭାବେ କାର୍ତ୍ତିକ ସାହୁ, ସୋନୁ କୁମାର ନାଏକ, ଭରଦ୍ୱାଜ ଦାଶ ଓ ସୁଧାଂଶୁ ତ୍ରିପାଠୀ କାର୍ଯ୍ୟ ପରିଚାଳନା କରିଥିଲେ। ତାଲିମ ଶିବିରରେ ସାଧନକର୍ମୀମାନେ ବିଭିନ୍ନ ବିଷୟ ଯଥା ଜାତୀୟ ଶିକ୍ଷା ନୀତି ୨୦୨୦, ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା, ପିଲାଙ୍କ ଶିକ୍ଷଣ ପ୍ରକ୍ରିୟାକୁ ବୁଝିବା, ବିକାଶର ବିଭିନ୍ନ ଦିଗ, ପାଠ୍ୟକ୍ରମର ଲକ୍ଷ୍ୟ, ଶାରୀରିକ, ସାମାଜିକ, ଆବେଗିକ, ନୈତିକ, ବୌଦ୍ଧିକ, ଭାଷାଗତ, ସୌନ୍ଦର୍ଯ୍ୟବୋଧ ଇତ୍ୟାଦିର ବିକାଶ, ଯାଦୁପେଡି, ଇ ଯାଦୁଇ ପିଟାରା, ଗୋଷ୍ଠୀ ସଂପୃକ୍ତି ଇତ୍ୟାଦି ବିଷୟରେ ଅତି ସୁନ୍ଦର ଭାବରେ ଆଲୋଚନା କରିଥିଲେ। ତାଲିମ ଶିବିରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ମୋଟ ୬୨ ଜଣ ପ୍ରଶିକ୍ଷାର୍ଥୀ ଶିକ୍ଷକଙ୍କ ପ୍ରତ୍ୟକ୍ଷ ଅଂଶ ଗ୍ରହଣ ତାଲିମ ଶିବିରର ଶୋଭା ବର୍ଦ୍ଧନ କରୁଥିଲା। ତାଲିମ ଶିବିରର ଉଦ୍‌ଯାପନୀ ସଭାରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରି ଶିଶୁବାଟିକା ଶ୍ରେଣୀର ସଫଳତା ପାଇଁ ସହଯୋଗ ଆହ୍ୱାନ କରି ପରିସମାପ୍ତି ଘୋଷଣା କରିଥିଲେ।

# ଏଆଇସିସି ମୁଖପାତ୍ର, ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଛତ୍ରପୁର, ୨୯/୩ ଗଞ୍ଜାମ ଜିଲ୍ଲା ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛତ୍ରପୁର କଂଗ୍ରେସ କର୍ମୀ ମାନଙ୍କ ଦ୍ୱାରା ଜାତୀୟ ରାଜପଥ ଡିଆରଡିଏ ଛକ ଠାରେ ଏଆଇସିସି ମୁଖପାତ୍ର ପବନ ଖେରା ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଉପଢ଼ୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପିସିସି ସଭ୍ୟ ଭବାନୀ ବେହେରା,ପୂର୍ବତନ ସରପଞ୍ଚ ଡି. କ୍ରୀଷ୍ଣା ରେଡ୍ଡୀ, ପୂର୍ବତନ ଛତ୍ରପୁର ନଗରପାଳ ରାମଚନ୍ଦ୍ର ବେହେରା, ମୁନା ଦାସ, କୁନା ରେଡ୍ଡୀ, ଜିତୁ ରାଉଳ, ଇଜୁ ଖାନ୍, ହାଡୁ ରେଡ୍ଡୀ, ଅଶୋକ ପଟ୍ଟନାୟକ, ଡି. ରାମସ୍ୱାମୀ ରେଡ୍ଡୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ

# 'କ୍ରେତା ବିକ୍ରେତାଙ୍କ ସମନ୍ୱୟରେ ଶୋଷଣମୁକ୍ତ ସମାଜ ଗଠନ ସମ୍ଭବ'

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**




ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲ ସଭାଗୃହରେ ବଲାଙ୍ଗିର ବୈଧ ମାପ ବିଜ୍ଞାନ ବିଭାଗ ସହଯୋଗରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗିର ଶାଖା ଦ୍ୱାରା ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ ହୋଇଯାଇଛି। ଗ୍ରାହକ ପଞ୍ଚାୟତ ଜିଲ୍ଲା ଶାଖା ସଭାପତି ଗୋପବନ୍ଧୁ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଖାଉଟି ବିଷୟକ ଅଧିକାରୀ ତଥା ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟା ନନ୍ଦ ସେଠୀ ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସେଠୀ କ୍ରେତା ବିକ୍ରେତାଙ୍କ ସମନ୍ୱୟ ଶୋଷଣ ମୁକ୍ତ ସମାଜ ଗଠନରେ ସହାୟକ ହେବ ବୋଲି ବକ୍ତବ୍ୟ ଦେଇଥିଲେ। ଜିଲ୍ଲାରେ ଗୋଟିଏ ବର୍ଷ ଭିତରେ ଗୋଟିଏ ମଧ୍ୟ ଖାଉଟି ସଂକ୍ରାନ୍ତୀୟ ମାମଲା ତାଙ୍କର ଦୃଷ୍ଟିକୁ ଆସିନଥିବାରୁ ଗ୍ରାହକ ସଚେତନତା ଓ ବିଭାଗର ସଚେତନତା ଉପରେ ବିଭାଗ ଅଧିକ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ।

ମୁଖ୍ୟବକ୍ତା ଭାବରେ ଆଖିଲ ଭାରତୀୟ ଗ୍ରାହକ ପଞ୍ଚାୟତ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାମାଧବ ବହିଦାର କହିଲେ ଦେଶରେ ବିକ୍ରେତାମାନେ ଖାଉଟିମାନଙ୍କୁ ଯେପରି ଲୁଟି ଚାଲିଛନ୍ତି ସେଥିରୁ ସେମାନଙ୍କ ଦେଶ ପ୍ରୀତି କିପରି ଜଣାପଡୁଛି। 'ପରିବର୍ତ୍ତିତ ସ୍ଥାୟୀ ଜୀବନ ଶୈଳୀ ପାଇଁ ଆହ୍ୱାନ' ଶୀର୍ଷକ ଆଲୋଚନାରେ ଆଜିର ବ୍ୟବସ୍ଥାରେ ପରିବର୍ତ୍ତନ ନ ଘଟିଲେ ଆମେ ଅମର ପରମ୍ପରା ସାମାଜିକ ସମ୍ପର୍କ ଜୀବନ ଶୈଳୀରେ ହେଉଥିବା ପରିବର୍ତ୍ତନକୁ ଗ୍ରହଣ କରି ଅମର ଭବିଷ୍ୟତ ପିଢ଼ୀକୁ ଧ୍ୱଂସ ଆଡ଼କୁ ନେଇ ଯାଉଛୁ ବୋଲି କହିଥିଲେ। ଆମେ ଯଦି ପରିବେଶ ଜମି ଜଳ ଜଙ୍ଗଲକୁ ସୁରକ୍ଷା ଦେଇ ବ୍ୟବସ୍ଥିତ କଲେ ସୁରକ୍ଷିତ ରହିବା ବୋଲି କହିଥିଲେ। ଗ୍ରାହକ ପଞ୍ଚାୟତ ଦେଶରେ ଅମର ଅଧିକାର ଇପରେ କାମ କରି ଆସିଛି, ଗ୍ରାହକକୁ ରାଜା ବୋଲି ଅଭିହିତ କରି ତା'ର ବ୍ୟବସ୍ଥା କରିଛି। ସମ୍ମାନୀତ ଆଟିଥି ଭବରେ ବଲାଙ୍ଗିର ନଗରପାଳ ଲିକା ସାହୁ ହେଉଥିବା ଅନଲାଇନ ଠକାମୀ ବୃଦ୍ଧି ପାଉଥିବାରୁ ଚିନ୍ତା ବ୍ୟକ୍ତ କରି ଏଦିଗରେ ଅଧିକ ସଚେତନ ହୋଇ ଅଳ୍ପ ସମୟରେ ଅଧିକ ଲାଭ ଲୋଭ ମନୋବୃତ୍ତି ପରିହାର କରିବା ଉପରେ ମତ ଦେଇଥିଲେ। ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ ଖାଉଟି ବିଷୟ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ପ୍ରଥମେ କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ଉପରେ ଉପ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ରଞ୍ଜନ ରଶ୍ମୀ ପରିଡ଼ା ବକ୍ତବ୍ୟ ରେ କହିଥିଲେ। ବିଭାଗ ଦ୍ୱାରା ନେଇଥିବା ବିଭିନ୍ନ ବ୍ୟବସ୍ଥା ଉପରେ ସୂଚନା ଦେଉଥିଲେ। ଗ୍ରାହକର ଅଧିକାର କ'ଣ ଏଥିପାଇଁ ନେବାକୁ ଥିବା ବିଭିନ୍ନ ବିଷୟ ଉପରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶରତ କୁମାର ରାଉତ, ବକ୍ତବ୍ୟ ଓ ଆଲୋଚନା ଉତ୍ତରରେ କହିଥିଲେ। ସଭାପତି ଶତପଥୀ ସଭାପତି ଅଭିଭାଷଣରେ ଗ୍ରହାକ ପଞ୍ଚାୟତ ସଚେତନତା ଡିଗରେ ବିଭିନ୍ନ ବିଷୟ ରଖିଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପରେ ଅତିଥି ମାନଙ୍କୁ ଶ୍ରୀଫଳ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇ ଥିଲା। ବରିଷ୍ଟ ସଦସ୍ୟ ଅଶୋକ ମିଶ୍ର ଗ୍ରହାକଗୀତ ଓ ଶେଷରେ ଶାନ୍ତି ପାଠ କରିଥଲେ। କାର୍ଯ୍ୟକ୍ରମକୁ କସ୍ତୁରୀ ରଥ ପରିଚାଳନା କରିଥିଲେ। ଶେଷରେ ରଞ୍ଜିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳ ପାଇଁ ଉପ ସଭାପତି ମହେଶ୍ୱର ସହୁ, କୋଷାଧ୍ୟକ୍ଷ ନବକୃଷ୍ଣ ପଟେଲ, ରାଜ୍ୟ ମହିଳା ସଂଜୋଜିକା ସଂଯୁକ୍ତା ମିଶ୍ର, ସହ ସଂପାଦିକା ନିହାରିକା ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ଦିବାକର ହୋତା ଓ ଅନ୍ୟାନ୍ୟ ସଭ୍ୟ ଓ ସଭ୍ୟା କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

# ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଆୟୋଜିତ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ମିଡିଆକିଆ ପଞ୍ଚାୟତ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ 'ଆମ ସଂସ୍କୃତି ଓ ଆମ ଖେଳନା' କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ମିଡିଆକିଆ ପଞ୍ଚାୟତ ସରପଞ୍ଚ ଅଶୋକ ମଳିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ଜେନା ଯୋଗଦେଇ ଦୀପ ଧୂପ ପ୍ରଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ସେବା ନିବୃତ୍ତ ଶିକ୍ଷକ ବଂଶୀଧର ପଣ୍ଡା, ସମ୍ମାନିତ ଅତିଥି ଭାବେ ଗୌର ଚନ୍ଦ୍ର ପୂଜାରୀ, ସମିତି ସଭ୍ୟା ଜାନକୀ କହଁର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁବାଷ ମଳିକ ଓ କେଶବ ଦିଗାଳ ପ୍ରମୁଖ ଯୋଗ ଦେଇ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଉପଯୋଗିତା ସହ ଶୈକ୍ଷିକ ବିକାଶରେ ମାତା ଓ ପିଲାଙ୍କ ଭୁମିକା ସମ୍ପର୍କରେ ସମ୍ୟକ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସବିର ପ୍ରଧାନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ବିବରଣୀ ପଠନ କରିଥିଲେ।

ପ୍ରଭାତୀୟ
31 YEARS
ସମ୍ବାଦ କଳିକା

# ସର୍ବ ନିମ୍ନ ସ୍ତରକୁ ଖସିଲା ମ୍ୟୁଚୁଆଲ ଫଣ୍ଡ

ମାର୍କେଟ୍‌ରେ ମାନ୍ଦାବସ୍ଥା ଯୋଗୁ ମ୍ୟୁଚୁଆଲ ଫଣ୍ଡ ଇକ୍ୱିଟିରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଫେବୃଆରୀରେ ଇକ୍ୱିଟି ମ୍ୟୁଚୁଆଲ୍ ପ୍ରବାହ(ଇନ୍‌ଫ୍ଲୋ) ୨୬% ହ୍ରାସ ପାଇଛି। ଜାନୁଆରୀ ମାସରେ ଏହା ୩୯,୬୮୭ କୋଟି ଟଙ୍କା ଥିଲା। ଏବେ ୨୯,୩୦୩ କୋଟି ଟଙ୍କାକୁ ହ୍ରାସ ପାଇଛି। ଫଳରେ ମ୍ୟୁଚୁଆଲ ଫଣ୍ଡ ପ୍ରବାହ ୧୦ ମାସର ସର୍ବ ନିମ୍ନ ସ୍ତରକୁ ଖସି ଯାଇଛି। ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ୍ ସଂଘ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବର୍ତ୍ତମାନ ମାନ୍ଦାବସ୍ଥା ଯୋଗୁ ନିବେଶକମାନେ ନିବେଶ ଅପେକ୍ଷା ଅଧିକ ସତର୍କ ଅବଲମ୍ବନ କରୁଛନ୍ତି। ଯାହା ବଜାର ଅସ୍ଥିରତା ମୁଖ୍ୟ କାରଣ ପାଲଟିଛି। ସେହିପରି ଡେବ୍ଟ ମ୍ୟୁଚୁଆଲ ଫଣ୍ଡରେ ଫେବ୍ରୁଆରୀ ମାସରେ ୬,୫୨୫ କୋଟି ଟଙ୍କାର ବାହାର କରାଯାଇଛି। ତେବେ ଜାନୁଆରୀରେ ଓଲଟି ୧.୨୮ ଲକ୍ଷ ନିବେଶ ହୋଇଥିଲା। ଡେବ୍ଟ ମ୍ୟୁଚୁଆଲ୍ ଫଣ୍ଡ ହେଉଛି ଏକ ପ୍ରକାରର ନିବେଶ ମାଧ୍ୟମ, ଯେଉଁଥିରେ ବିଭିନ୍ନ ନିବେଶକଙ୍କଠାରୁ ଟଙ୍କା କାଢ଼ି ଏହାକୁ ମୁଖ୍ୟତଃ ସରକାରୀ ବଣ୍ଡ, କର୍ପୋରେଟ୍ ବଣ୍ଡ ଏବଂ ଟ୍ରେଜେରୀ ବିଲ୍ ଭଳି ସ୍ଥିର-ଆୟ ସିକ୍ୟୁରିଟିରେ ନିବେଶ କରେ। ଯାହା ଇକ୍ୱିଟି ନିବେଶ ତୁଳନାରେ କମ୍ ରିସ୍କ ଥାଏ ରିଟର୍ଣ୍ଣ ସୁନିଶ୍ଚିତ ହୋଇଥାଏ। ଏହି ହ୍ରାସ ସତ୍ତ୍ୱେ ସେକ୍ଟୋରାଲ ଓ ଥିମାଟିକ ଫଣ୍ଡସ(ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନିବେଶ)ରେ ନିବେଶ ବଢ଼ିଛି। ଏଥିରେ ୫,୭୧୧ କୋଟି ଟଙ୍କା ନିବେଶ ଆସିଛି। ଫଳରେ ୧୧ଟି ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ମଧ୍ୟରେ ନିବେଶ ଆକର୍ଷଣ କରିବାରେ ଏହା ଶୀର୍ଷରେ ରହିଛି। ସେହିପରି ଏହା ପଛକୁ ରହିଛି ଫ୍ଲେକ୍ସି କ୍ୟାପ୍ ଫଣ୍ଡସ। ଏଥିରେ ବି ୫,୧୦୪ କୋଟି ନିବେଶ ହୋଇଛି। ମ୍ୟୁଚୁଆଲ୍ ଫଣ୍ଡ ପ୍ରବାହ ହ୍ରାସ ପାଉଥିବାରୁ, ଯେଉଁମାନେ ସେମାନଙ୍କ ନିବେଶକୁ ବିଭିନ୍ନ କ୍ଷେତ୍ରରେ ନିବେଶ କରି ରିସ୍କ ହ୍ରାସ କରିବାକୁ ଚାହୁଁଛନ୍ତି ସେମାନେ ନିବେଶର ଭଲ ବିକଳ୍ପ ଗୁଡ଼ିକ ଜାଣି ରଖିବା ଦରକାର। ଇକ୍ୱିଟି ସେଭିଂ ଫଣ୍ଡ, ବାଲାନ୍ସଡ୍ ଆଡଭାଣ୍ଟେଜ ଫଣ୍ଡ, ମଲ୍ଟି-ଆସେଟ୍ ଫଣ୍ଡ ଏବଂ ଆସେଟ୍ ଆଲୋକେଟର ଫଣ୍ଡ ଭଳି ହାଇବ୍ରିଡ୍ ଫଣ୍ଡଗୁଡ଼ିକ ଇକ୍ୱିଟି ଏବଂ ଡେବ୍ଟ ମିଶ୍ରିତ ଫଳାଫଳ ପ୍ରଦାନ କରନ୍ତି, ସମ୍ଭାବ୍ୟ ରିଟର୍ଣ୍ଣ ବଜାୟ ରଖିବା ସହିତ ରିସ୍କ ହ୍ରାସ କରିବାରେ ମଧ୍ୟ ଏହା ସହଯୋଗ କରେ। ମ୍ୟୁଚୁଆଲ ଫଣ୍ଡ ଇଣ୍ଡଷ୍ଟ୍ରୀରେ ଟୋଟାଲ ଆସେଟ ଅଣ୍ଡର ମ୍ୟାନେଜମେଣ୍ଟ(ଏୟୁଏମ) ୪ ପ୍ରତିଶତ ହ୍ରାସ ପାଇ ଜାନୁଆରୀର ୬୬.୯୮ ଲକ୍ଷ କୋଟିରୁ ଫେବ୍ରୁଆରୀରେ ୬୪.୨୬ କୋଟି ଟଙ୍କାକୁ ଖସି ଆସିଛି।

# ସାହିତ୍ୟ ଏକାଡ଼େମୀର ବିଗ୍ ବସ୍ (୧)



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଏବେ ଦୂରଦର୍ଶନର କଲର୍ସ ଚ୍ୟାନେଲ ମାଧ୍ୟମରେ ପ୍ରଦର୍ଶିତ ହେଉଥିବା ବିଗ୍ ବସ୍ ଅଧ୍ୟାୟଗୁଡ଼ିକର ଦୃଶ୍ୟକୁ ଦେଖିବା ପାଇଁ ଦର୍ଶକମାନଙ୍କ ଭିତରେ ଦେଖାଯାଉଛି ପ୍ରବଳ ଉତ୍ସୁକତା। ବିଶେଷତଃ ଆଧୁନିକ ଯୁବକଯୁବତୀମାନଙ୍କୁ ଏହା ବେଶ୍ ପ୍ରଭାବିତ କରିପାରିଛି। ବିଗ୍ ବସ୍ କିଏ ଓ କେଉଁଠାରେ ଥାଆନ୍ତି ତାହା ପ୍ରାୟ ଅଜଣା। ମାତ୍ର ତାଙ୍କର ପ୍ରତ୍ୟେକଟି ନିର୍ଦ୍ଦେଶକୁ ଭିତରେ ଥିବା ଅନ୍ତେବାସୀମାନେ ମାନିନେଇ ସେ ସବୁକୁ କାର୍ଯ୍ୟକାରୀ କରିବାରେ ତତ୍ପର ହୋଇ ଉଠନ୍ତି। ସେପରି ବିଗ୍ ବସ୍‌ର ଦୃଶ୍ୟ ସରକାରଙ୍କର କେତେକ ବିଭାଗରେ ଦେଖାଯାଉଥିଲେ ମଧ୍ୟ ସାହିତ୍ୟ ଏକାଡ଼େମୀରେ ସେପରି ଦୃଶ୍ୟ ଅନନ୍ୟ। ଏହି ଏକାଡ଼େମୀର ସାଧାରଣ ପରିଷଦ ଗଠନ ନିମନ୍ତେ ସମସ୍ତ ସଭ୍ୟମାନେ ସରକାରଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି। ସେପରି ସଭ୍ୟମାନଙ୍କୁ କିଭଳି ମନୋନୟନ କରାଯାଏ ତାହା ଥାଏ ସେଠାର ବିଗ୍ ବସ୍‌ମାନଙ୍କ ଭିତିରି କଥା। କୌଣସି ତର୍ଜମା ନକରି ସେପରି ମନୋନୟନକୁ ବିନା ଦ୍ୱିଧାରେ ସରକାର ବି ଅନୁମୋଦନ କରିଦିଅନ୍ତି। ପୁଣି ସେହି ମନୋନୀତ ସଭ୍ୟମାନେ ବାହାରର ଆଠଜଣଙ୍କୁ ନିର୍ବାଚନ ମାଧ୍ୟମରେ ନିଜ ଭିତରେ ସାମିଲ କରିନିଅନ୍ତି। ଏଥିପାଇଁ ସରକାରଙ୍କଦ୍ୱାରା ମନୋନୀତ ହୋଇପାରିନଥିବା ସାହିତ୍ୟିକ, କବି, ପ୍ରାବନ୍ଧିକ ବା ସଂସ୍କୃତି ନିମନ୍ତେ ନିଛକ ଭାବେ କାର୍ଯ୍ୟ କରିଆସୁଥିବା ପ୍ରତିଭାମାନଙ୍କ ଭିତରେ ହୁଏ ପ୍ରତିଦ୍ୱନ୍ଦ୍ୱିତା। ଏ ସମ୍ପର୍କରେ ନିଜ ନିଜର କରିଥିବା କାର୍ଯ୍ୟାବଳୀ ସମୂହକୁ ଛାପି ପ୍ରଚାରପତ୍ରମାନ ଆଜିକାଲିର ରାଜନୈତିକ ନିର୍ବାଚନ ଭଳି ପ୍ରତି ମନୋନୀତ ସଭ୍ୟମାନଙ୍କୁ ପଠାଇଥାନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ କିଏ ନିର୍ବାଚିତ ହେବେ ତାହା ବିଗ୍ ବସ୍‌ଙ୍କଦ୍ୱାରା ଆଗରୁ ସ୍ଥିରୀକୃତ ହୋଇସାରିଥାଏ। ଯେଉଁଦିନ ଏପରି ନିର୍ବାଚନ ସାଧାରଣ ପରିଷଦର ବୈଠକ ବସି କରାଯାଏ ସେଦିନ ଖଣ୍ଡିଏ ଟୁକୁରା କାଗଜରେ ସ୍ଥିରୀକୃତ ନାମମାନ ଲେଖାଯାଇ ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରେ ବାଣ୍ଟିଦିଆଯାଏ। କିଏ ଏପରି ଟୁକୁରା କାଗଜ ପଠାନ୍ତି ତାହା ସମ୍ଭବତଃ ପ୍ରତ୍ୟେକଙ୍କୁ ଅଜଣାଥାଏ। ଯେଉଁମାନେ ବାଣ୍ଟିବା ଦାୟିତ୍ୱରେ ରହିଥାନ୍ତି ସେମାନେ ଚୁପ୍‌ରେ କେବଳ କହିଦିଅନ୍ତି ଯେ ଏହି ଅନୁଯାୟୀ ତାଲିକାରେ ଟିକ୍ ଗାର ମାରିଦିଅନ୍ତୁ। କେତେ ଭୋଟ ମିଳିଲେ ସେହି ଟୁକୁରା କାଗଜରେ ଲେଖାଥିବା ନାମଗୁଡ଼ିକ ମୋହରମରା ସାହିତ୍ୟିକ ହୋଇଯିବେ ତାହାର ଗଣନା ଆଗରୁ ହୋଇ ସେହି ଅନୁସାରେ ଅନୁଗାମୀମାନଙ୍କୁ ବି ତାଗିଦ୍ କରିଦିଆଯାଏ। ସମସ୍ତେ ଯେ ଏଥିରେ ଏକ ମତ ଥାଆନ୍ତି ତାହା ନୁହେଁ। ତଥାପି ସେହି ଟୁକୁରା କାଗଜରେ ଲେଖା ହୋଇଥିବା ନାମ ସବୁ ଜିତି ଯାଇଥାନ୍ତି। ସ୍ଥିରୀକୃତ ପ୍ରାର୍ଥୀ ଜିତିଗଲା ପରେ ବିଗ୍ ବସ୍‌ଙ୍କ ପକ୍ଷରୁ ହୋଇଥାଏ ତାଳିମାଡ଼ ଓ ଜଳଯୋଗର ପ୍ରବନ୍ଧ। ତେବେ ଏପରି ଜଳଯୋଗର ଖର୍ଚ୍ଚ କିଏ ଦେଇଥାନ୍ତି ବା କାହା ନିର୍ଦ୍ଦେଶରେ ହୁଏ ତାହା ବି ଜାଣି ହୁଏ ନାହିଁ। କୁହାଯାଏ ଯେ ଏକାଡ଼େମୀ ପକ୍ଷରୁ ଏପରି ଆୟୋଜନ କରାଯାଏ। ମାତ୍ର ସେପରି ଖର୍ଚ୍ଚ ଏକାଡ଼େମୀ କର୍ତ୍ତୃପକ୍ଷ କରିନଥିବା ନିଶ୍ଚିତ ଭାବେ କୁହାଯାଇପାରେ। ଯଦି ସାଧାରଣ ପରିଷଦର ସମସ୍ତ ସଭ୍ୟ ମନୋନୀତ, ତେବେ ବାହାରର ପ୍ରତିଭାମାନଙ୍କୁ ଏକାଡ଼େମୀର ସଭ୍ୟ ଭାବେ ନିର୍ବାଚିତ କରାଇବା ପାଇଁ ସେମାନଙ୍କର କିଭଳି ଅଧିକାର ରହିଛି ? ପୁଣି ଆସିବା କାର୍ଯ୍ୟକାରୀ ସମିତି ଗଠନ ସଂପର୍କୀୟ କଥାକୁ। ଯେଉଁ କେତୋଟି କାର୍ଯ୍ୟକାରୀ ସମିତି ଏକାଡ଼େମୀରେ ଗଢ଼ା ଯାଇଥାଏ ସେ ସବୁର ସଭ୍ୟମାନେ ବି ସାଧାରଣ ପରିଷଦର ସଭ୍ୟମାନଙ୍କଦ୍ୱାରା ନିର୍ବାଚିତ ହୋଇଥାନ୍ତି। ଯଦି ପ୍ରତ୍ୟେକ ସଭ୍ୟ ମନୋନୀତ ତେବେ ସେମାନଙ୍କ ଭିତରେ କାର୍ଯ୍ୟକାରୀ ପରିଷଦର ଗଠନ ପାଇଁ ପୁଣି ଏପରି ତାମସା କାହିଁକି ? ତାହା ବି ସେହିଭଳି ମନୋନୀତ ହେବାର କଥା। ମାତ୍ର ସେପରି ହୁଏ ନାହିଁ। କାର୍ଯ୍ୟକାରୀ ସମିତିମାନଙ୍କରେ କେଉଁମାନେ ରହିବେ ତାହାର ଚିଠା ମଧ୍ୟ ପୂର୍ବଭଳି ବଣ୍ଟାଯାଏ ଓ ସ୍ଥିରୀକୃତ ସଭ୍ୟ/ସଭ୍ୟାମାନେ ସେପରି ସମିତିରେ ସ୍ଥାନ ପାଇଥାନ୍ତି। ତେବେ ଯେଉଁମାନେ ଏପରି ସିଦ୍ଧାନ୍ତ ନେଇଥାନ୍ତି ସେମାନଙ୍କୁ କେହି ଜାଣିନଥାନ୍ତି ବୋଲି ଆଗରୁ ଉଲ୍ଲେଖ ରହିଛି। ସେମାନେ ସୁରୁଖୁରୁରେ ଏପରି ସବୁ କରିଚାଲିଥାନ୍ତି ଓ ଆଦୌ ଧରାପଡ଼ନ୍ତି ନାହିଁ। କାର୍ଯ୍ୟକାରୀ ସମିତିର ସଭ୍ୟ ତାଲିକାଗୁଡ଼ିକୁ ଯାଞ୍ଚ କଲେ କିଏ କେଉଁଠାରୁ ଓ କେତେଥର ଏପରି ସମିତିକୁ ଆସିପାରିଛନ୍ତି ତାହା ଜଣା ପଡ଼ିଯାଆନ୍ତା। ମାତ୍ର ସେମାନେ କର୍ତ୍ତୃପକ୍ଷଙ୍କ ସହ ହାତ ମିଳାଇବାରେ ବେଶ୍ ଓସ୍ତାଦ୍। ସେପରି ଯାଞ୍ଚ କଥା ଉଠିବା ବା କିପରି ? ପୁଣି କାର୍ଯ୍ୟକାରୀ ସମିତି ସାଧାରଣ ପରିଷଦ ନିକଟରେ ସର୍ବଦା ଦାୟୀ ରହିବାର କଥା। ମାତ୍ର ସେମାନେ ନେଇଥିବା ନିଷ୍ପତ୍ତି ସବୁର କାର୍ଯ୍ୟକାରିତା ପରେ ହିଁ ଔପଚାରିକ ଦୃଷ୍ଟିରୁ ସେ ସବୁକୁ ସାଧାରଣ ପରିଷଦର ଅନୁମୋଦନ ନିମନ୍ତେ ଆଣିଥାନ୍ତି। ଏସବୁକୁ କର୍ତ୍ତୃପକ୍ଷ ଦେଖି ମଧ୍ୟ ଅଣଦେଖା ପରି ହୁଅନ୍ତି। ଯେଉଁଠି ଶୁଣିବାକୁ କେହି ନାହିଁ ସେଠାରେ କହିବ ବା କିଏ ? (କ୍ରମଶଃ)

# ଯାଯାବରର ଡାଏରୀ-୬୮

## ନର୍ଥକାରୋଲିନାର-ଶବର ରମଣୀ



ମନ୍ମଥ କୁମାର ଶତପଥୀ
ଲୋକ ସଂସ୍କୃତି ଗବେଷକ
ଆରଚିଡ ରୟାଲ
ଆପାର୍ଟମେଣ୍ଟ, ନାଗେଶ୍ୱର
ଟାଙ୍ଗୀ, ଭୁବନେଶ୍ୱର
ମୋ-୯୪୩୭୬୧୯୮୫୭

୨୦୨୫ ଜାନୁଆରୀ ମାସ ଆଠ ତାରିଖ। ଗୀତଗୋବିନ୍ଦ ସଦନରେ ବିଭିନ୍ନ ବର୍ଗର ବରିଷ୍ଠ ନାଗରିକ ମାନଙ୍କ ସମାବେଶ। ଭୁବନେଶ୍ୱର ରୋଟାରୀ କ୍ଲବ ତରଫରୁ ଆୟୋଜିତ ଏହି ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଥାଆନ୍ତି ଡକ୍ଟର ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ରୋଟାରୀ କ୍ଲବ ମୁଖ୍ୟ ଶ୍ରୀଯୁକ୍ତ ଯଜ୍ଞାଶିଷ ମହାପାତ୍ର। ସମାରୋହର ମୁଖ୍ୟ ଲକ୍ଷ୍ୟ ଥିଲା "ଭୁବନେଶ୍ୱରର ବରିଷ୍ଠ ନାଗରିକଙ୍କୁ ସମ୍ମାନ ପ୍ରଦର୍ଶନ"। ଗତାନୁଗତିକ ଭାବେ ପଚାଶରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ପରେ ମୁଖ୍ୟ ଅତିଥି ଶାନ୍ତନୁ ବାବୁ ନିଜର ବକ୍ତବ୍ୟ ରଖିଥିଲେ। ବକ୍ତବ୍ୟର ମୂଳପିଣ୍ଡ ଥିଲା, ଆମେରିକାର ଉତ୍ତର-ପୂର୍ବାଞ୍ଚଳର ଏକ କ୍ଷୁଦ୍ର ରାଜ୍ୟ "କନେକ୍ଟିକ୍"ରେ ବସବାସ କରୁଥିବା, ଆମେରିକୀୟ ଜନଜାତି ମାନଙ୍କର ଜଗନ୍ନାଥ ଧର୍ମପ୍ରତି ବିଶ୍ୱାସ ଓ ପୂଜା ପଦ୍ଧତି। ଆମେରିକୀୟ ମାନଙ୍କର ଜଗନ୍ନାଥ ଧର୍ମପ୍ରତି ଆଗ୍ରହକଥା ଶୁଣି, ପ୍ରେକ୍ଷାଳୟରେ ଉପସ୍ଥିତ ଶ୍ରୋତାବୃନ୍ଦ ଆନନ୍ଦରେ କରତାଳି ଦେଇ ସଭାଗୃହକୁ ପ୍ରକମ୍ପିତ କରିଥିଲେ। ମୁଁ ବି ମନେ ମନେ ଅତ୍ୟନ୍ତ ଆନନ୍ଦିତ ହୋଇ ଉଠିଥିଲି, ମୋର ପ୍ରଥମ ଆମେରିକା ଗସ୍ତର କିଛି ଅନୁଭୂତିକୁ ନେଇ।

ମୋର ପ୍ରଥମ ଗସ୍ତଥିଲା, ୨୦୧୭ ମସିହା ଜୁଲାଇ ମାସ ୧୪ ତାରିଖଠାରୁ ସେପ୍ଟେମ୍ବର ୧୪ ଦୁଇମାସ। ଗସ୍ତର ଶେଷଭାଗରେ ନର୍ଥକାରୋଲିନା ରାଜ୍ୟର ରାଜଧାନୀ 'ରାଲେ' ସହରର ମ୍ୟୁଜିୟମ ସାମନାରେ ସ୍ଥାପିତ ଗୋଟିଏ ଶବର ରମଣୀର ପ୍ରତିମୂର୍ତ୍ତିକୁ ଦେଖି ମୋ ମନରେ ସୃଷ୍ଟି ହୋଇଥିଲା ଅନେକ ପ୍ରଶ୍ନବାଚୀ, ଯାହାର ଉତ୍ତର, ମୁଁ କାହାରି ଠାରୁ ପାଇନଥିଲି। ଶାନ୍ତନୁ ବାବୁଙ୍କ ମୁହଁରୁ ଆମେରିକା ଜନଜାତିଙ୍କ ଜଗନ୍ନାଥ ଚେତନା ସମ୍ପର୍କରେ ଶୁଣିବାପରେ, ମୋ ମନରେ ଆଉ କେତେକ ପ୍ରଶ୍ନ ଯୋଡି ହୋଇଗଲା, ତାହା ହେଉଛି, ଆମେରିକାରେ ବସବାସ କରୁଥିବା ପ୍ରାଚୀନ ଯୁଗର ମଣିଷମାନେ କ'ଣ ଶବର ସଂପ୍ରଦାୟର ? ସେମାନେ ପୂର୍ବପ୍ରାନ୍ତରୁ ପଶ୍ଚିମ ପ୍ରାନ୍ତକୁ ଆସିଲେ କିପରି ? ଶବର ଜାତିର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା କ'ଣ ଏତେ ପ୍ରାଚୀନ ? କନେକ୍ଟିକ ଓ ଆମେରିକାର ବହୁ ରାଜ୍ୟରେ ବସବାସ କରୁଥିବା "ଆମେରିକା ଇଣ୍ଡିଆନ"ମାନେ କ'ଣ ଭାରତୀୟ ବଂଶୋଦ୍ଭବ ? ମନ ଉଦ୍‌ବିଗ୍ନ ହୋଇ ଉଠିଥିଲା। କାଳବିଳମ୍ବ ନକରି ମଞ୍ଚ ଉପରକୁ ଯାଇ ମୋର ମନର କଥା ଶାନ୍ତନୁ ବାବୁଙ୍କ ଆଗରେ ବ୍ୟକ୍ତ କରିଥିଲି। ସେ ମୋତେ ଉତ୍ତର ଦେବେ କ'ଣ ? ନର୍ଥକାରୋଲିନା ଅଞ୍ଚଳର ଶବର ପଲ୍ଲୀ କଥା ଶୁଣି, ଆଶ୍ଚର୍ଯ୍ୟ ହୋଇ, ମୋତେ ଘରକୁ ନିମନ୍ତ୍ରଣ କଲେ ଆଲୋଚନା ପାଇଁ। ମୁଁ ଐତିହାସିକ କିମ୍ବା ଗବେଷକ ନୁହେଁ। ଅନୁସନ୍ଧିତ୍ସୁ ମନଦେଇ ଯାଯାବର ପରି ବୁଲେ, ଯାହା ଆଖିରେ ପଡେ, ତାକୁନେଇ ଗବେଷକମାନଙ୍କ ପାଖରେ ପହଞ୍ଚାଇ ଦିଏ, ଅଧିକ କିଛି ଜାଣିବା ପାଇଁ। ଶାନ୍ତନୁ ବାବୁଙ୍କ ସହିତ ଆଲୋଚନା ନିମନ୍ତେ, ୧୬୦୦ ଶତାବ୍ଦୀରେ ନିର୍ମିତ ଶବର ରମଣୀର ପ୍ରତିମୂର୍ତ୍ତିର ଫଟୋ ଚିତ୍ର ଓ ତାର ସଂକ୍ଷିପ୍ତ ପାଦଟୀକାକୁ ବାଦ ଦେଲେ ମୋ ନିକଟରେ ଅନ୍ୟ କିଛି ନଥିଲା। ତେଣୁ କିଛିଦିନ ସମୟ ନେବା ପାଇଁ କହି ଫେରି ଆସିଥିଲି ମଞ୍ଚରୁ।

ମୋର ଜୀବନୀ ବୈଚିତ୍ର୍ୟତା ହେଲା, ଯଦି ଥରେ କୌଣସି ସମସ୍ୟା ଆସି ମୋର ମନରେ ବସାବାନ୍ଧେ, ମୁଁ ତାକୁ ଭୁଲିପାରେନି। ସମସ୍ୟାର ସମାଧାନ ପାଇଁ ଲହୁଲୁହାଣ ହେଲେ ବି ଲକ୍ଷ୍ୟପଥରେ ପହଞ୍ଚିବା ପାଇଁ ଅହରହ ଚେଷ୍ଟା କରିଥାଏ। ଆମେରିକାରେ ପାଦ ଦେଉ ଦେଉ ମୁଁ ଯେତେବେଳେ ଜାଣିବାକୁ ପାଇଲି, ଯୁକ୍ତରାଷ୍ଟ୍ରର ୫୦ଟି ରାଜ୍ୟରୁ ଗୋଟିଏ ରାଜ୍ୟର ନାମ "ଇଣ୍ଡିଆନା", ସେହି ରାଜ୍ୟର ସୃଷ୍ଟି ଓ ନାମକରଣ ସଂପର୍କରେ କିଛି ତଥ୍ୟ ପାଇବା ସକାଶେ ମନମୋର ଉଦ୍‌ବେଗ ହୋଇ ଉଠିଥିଲା। ଓଡ଼ିଆ ଜାତିର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ସେବକ (ଦଇତାପତି)ମାନେ ହେଲେ ଶବର ସଂପ୍ରଦାୟର। ନର୍ଥ କାରୋଲିନା ମ୍ୟୁଜିୟମ ସାମନାରେ ଶବର ରମଣୀର ପ୍ରତିମୂର୍ତ୍ତି ସହିତ, ଗୋଟିଏ ରାଜ୍ୟର ନାମକରଣ "ଇଣ୍ଡିଆନା" ପଛରେ କିଛି ଐତିହାସିକ ତଥ୍ୟ ଖୋଜିବାକୁ ଗଲାବେଳେ ମୋର ଦୃଷ୍ଟିପଥକୁ ଆସିଲା ବିଶ୍ୱପ୍ରସିଦ୍ଧ ଗବେଷକ ଚମନଲାଲଙ୍କ ଗବେଷଣାତ୍ମକ ଗ୍ରନ୍ଥ "ହିନ୍ଦୁ ଆମେରିକାନ୍"। ଏହି ଗ୍ରନ୍ଥଟି ୧୯୪୦ ମସିହାରେ ବମ୍ବେର ନିୟୁ ବୁକ୍ କୋ' ସଂସ୍ଥା : ପ୍ରକାଶ କରିଥିଲେ। ଚମନଲାଲ ଜବାହରଲାଲ ବିଶ୍ୱ ବିଦ୍ୟାଳୟର ଜଣେ ଅବସରପ୍ରାପ୍ତ ପ୍ରଫେସର। ବିଶ୍ୱରେ ସନାତନ ହିନ୍ଦୁଧର୍ମ ଓ ସଂସ୍କୃତିର ପ୍ରଭାବ ଓ ପ୍ରତିଷ୍ଠାକୁ ଖୋଜିବାକୁ ଯାଇ ସେ ଉତ୍ତର ଓ ଦକ୍ଷିଣ ଆମେରିକା ସହିତ, ମେକ୍ସିକୋ, ଇଂଲଣ୍ଡ, ଆୟର୍ଲ୍ୟାଣ୍ଡ, ଜାପାନ, ଏସିଆ ଓ ୟୁରୋପ ଦେଶ ସମୂହ ପରିଭ୍ରମଣ କରି, ଏହି ଗ୍ରନ୍ଥ ପ୍ରକାଶ କରିବାରେ ସକ୍ଷମ ହୋଇଥିଲେ। ଏହି ସମୟ ଥିଲା, ଭାରତ ସ୍ୱାଧୀନତା ପ୍ରାପ୍ତିର ପ୍ରାକ୍ କାଳର କଥା। ପାଶ୍ଚାତ୍ୟ ଜଗତରେ ସନାତନ ହିନ୍ଦୁଧର୍ମର ସ୍ଥିତି ଖୋଜିବାକୁ ଯାଇ ଚମନଲାଲଙ୍କୁ ବହୁ ବାଧା ବିଘ୍ନର ସମ୍ମୁଖୀନ ହେବାକୁ ପଡିଥିଲା। ଏହି କ୍ଷେତ୍ରରେ ବିଶ୍ୱର ବହୁଦେଶ ତାଙ୍କୁ ସହଯୋଗର ହାତ ବଢ଼ାଇଥିବା ବେଳେ, ଭିସା ପ୍ରଦାନକ୍ଷେତ୍ରରେ ଇଂରେଜ ସରକାର ବାଧାଦେବା ଫଳରେ, ତାଙ୍କୁ ବହୁ ସମୟ ମେକ୍ସିକୋରେ ରହିବାକୁ ପଡିଥିଲା। ଅବଶ୍ୟ ଏହି ଦୁର୍ଦ୍ଦିନରେ ମେକ୍ସିକୋ ଓ ଆୟର୍ଲ୍ୟାଣ୍ଡ ଦେଶର ଅକୁଣ୍ଠ ସମର୍ଥନ ସହିତ ବିନା ଭିସାରେ ପରିଭ୍ରମଣ ଓ ତଥ୍ୟ ସଂଗ୍ରହର ସୁଯୋଗ ପ୍ରାପ୍ତ ଫଳରେ ସେ ନିର୍ବିଘ୍ନରେ ଗବେଷଣା ସମାପ୍ତ କରି ଫେରିଥିଲେ ନିଜର ଜନ୍ମମାଟିକୁ।

ଫେରିବା ବେଳେ ବି ସେ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ। ତାହା ଥିଲା ୧୯୩୯ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମୟ। ଯେତେବେଳେ ବିଶ୍ୱରେ ଇଂରେଜ ସାମ୍ରାଜ୍ୟର ପ୍ରଭାବ ଓ ପ୍ରତିଷ୍ଠା କ୍ରମଶଃ ଅସ୍ତମିତ ହୋଇ ଆସୁଥିଲା, ଠିକ୍ ସେହି ସମୟରେ ଚମନଲାଲଙ୍କ ବହୁଚର୍ଚ୍ଚିତ ବହି "ଦ ଭେନିସିଂ ଏମ୍ପାୟାର" ପ୍ରକାଶ ଲାଭ କରି ଯଥେଷ୍ଟ ସୁନାମ ଅର୍ଜନ କରିଥିଲା। ଏହି କ୍ଷେତ୍ରରେ ଇଂରେଜ ସରକାର ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ହୋଇ ଚମନଲାଲଙ୍କ ଫେରନ୍ତା ଭିସାକୁ ନାମଞ୍ଜୁର କରିଥିଲେ। ଯାହା ଫଳରେ ଚମନଲାଲଙ୍କ ଫେରିବା ଆଶା ମଉଳି ଯାଇଥିଲା। ଏ କଥା ଜାଣିବା ପରେ, ସହାନୁଭୂତି ପ୍ରକାଶ ପୂର୍ବକ ମେକ୍ସିକୋ ସରକାର ଚମନଲାଲଙ୍କୁ ଗୋଟିଏ ସ୍ୱତନ୍ତ୍ର ଭିସା ପ୍ରଦାନ କରିବା ଫଳରେ ତାଙ୍କର ପ୍ରତ୍ୟାବର୍ତ୍ତନର ପଥ ସୁଗମ ହୋଇଥିଲା।

ଦୀର୍ଘକାଳ ଧରି ବିଦେଶ ପରିଭ୍ରମଣ ପୂର୍ବକ ସନାତନ ହିନ୍ଦୁ ସଭ୍ୟତାର ବିଶ୍ୱବ୍ୟାପୀ ସ୍ଥିତି ଓ ବ୍ୟାପ୍ତି ଉପରେ ଗବେଷଣା କରି, ଯେତେବେଳେ ସ୍ୱଦେଶକୁ ଫେରିଲେ, ଚମନଲାଲଙ୍କ ନିକଟକୁ ଦେଶର ବିଭିନ୍ନ ପ୍ରାନ୍ତରୁ ଛୁଟି ଆସିଥିଲା ଅସଂଖ୍ୟ ଶୁଭେଚ୍ଛାର ବାର୍ତ୍ତା। ଦ୍ୱିତୀୟ ବିଶ୍ୱଯୁଦ୍ଧର ଘୋର ସଂଘର୍ଷ ଓ ଭାରତୀୟ ସ୍ୱାଧୀନତା ପ୍ରାପ୍ତିର ଶେଷ ମୁହୂର୍ତ୍ତର ଘଡିସନ୍ଧି ବେଳାରେ ଭାରତୀୟ ସଂସ୍କୃତିର ପ୍ରଚାର ଓ ପ୍ରସାର ସହିତ, ପାଶ୍ଚାତ୍ୟ ଜଗତର ଜନଜାତିଙ୍କ ପଛରେ ଲୁଚି ରହିଥିବା ଅଲୌକିକ କାହାଣୀକୁ ଲୋକଲୋଚନକୁ ଆଣିବା ସକାଶେ ଚମନଲାଲଙ୍କ ସାହସିକ ପଦକ୍ଷେପରେ ଅତ୍ୟନ୍ତ ଆନନ୍ଦିତ ହୋଇ ଜାତିର ଜନକ ମହାତ୍ମାଗାନ୍ଧିଙ୍କ ସହିତ, ଜବାହାରଲାଲ ନେହେରୁ, ଡ. ରାଜେନ୍ଦ୍ର ପ୍ରସାଦ, ସରୋଜିନୀ ନାଇଡୁ, ରାଧାକ୍ରିଷ୍ଣନ, ପଣ୍ଡିତ ଭଗବାନ ଦାସ ଓ ମଦନ ମୋହନ ମାଲବ୍ୟ ପ୍ରମୁଖ "ହିନ୍ଦୁ ଆମେରିକାନ" ଉପରେ ଯେଉଁ ମତବ୍ୟକ୍ତ କରିଥିଲେ, ସେ ସଂପର୍କରେ ଏକ ସ୍ୱତନ୍ତ୍ର ସ୍ତମ୍ଭରେ ମୁଁ ଆପଣମାନଙ୍କ ନିକଟରେ ପହଞ୍ଚିବି।

ବର୍ତ୍ତମାନ ଆମେ ଫେରି ଆସିବା ମୂଳ ଆଲୋଚ୍ୟ ବିଷୟ "ରାଲେ" ସଂଗ୍ରହାଳୟ ସାମନାରେ ଥିବା, ଶବର ରମଣୀ"ଙ୍କ ପ୍ରତିମୂର୍ତ୍ତି ନିକଟକୁ। ୧୬୦୦ ଶତାବ୍ଦୀରେ ନିର୍ମିତ ଏହି ପ୍ରତିମୂର୍ତ୍ତିଟିକୁ ଦେଖିଲେ ଆପାତତଃ ଦୁଇଟିପ୍ରଶ୍ନ ମନ ମଧ୍ୟକୁ ଆସେ। ପ୍ରଥମ ପ୍ରଶ୍ନ ଏହି ଭାରତୀୟ ସଉରା ରମଣୀଙ୍କ ପରିଚୟ କ'ଣ ଓ ସେ କେଉଁ ସ୍ଥାନର ଅଧିବାସୀ ? ଦ୍ୱିତୀୟ ପ୍ରଶ୍ନ ଏମାନେ କ'ଣ ଭାରତୀୟ ଶବର ସଂପ୍ରଦାୟର ମୂଳ ଅଧିବାସୀ ? ଯଦି ତାହା ସତ୍ୟ, ସେମାନେ ପୂର୍ବରୁ ପଶ୍ଚିମ ପ୍ରାନ୍ତକୁ ଆସିଲେ କିପରି ?

ଉପଲବ୍ଧ ତଥ୍ୟ ଅନୁସନ୍ଧାନରୁ ଜଣାଯାଏ ଯୁକ୍ତରାଷ୍ଟ୍ର ଆମେରିକାର ବିଭିନ୍ନ ରାଜ୍ୟରେ ବସବାସ କରୁଥିବା ବହୁ ସଂଖ୍ୟକ ଜନଜାତିମାନଙ୍କ ମଧ୍ୟରେ "ଭାରତୀୟ ସଉରା ସଂପ୍ରଦାୟ"ଅନ୍ୟତମ। ୧୬୦୦ରୁ ୧୭୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏମାନେ ଭର୍ଜିନିଆ ଓ ନର୍ଥକାରୋଲିନା ରାଜ୍ୟରେ ପ୍ରବାହିତ ଡାନ୍ ନଦୀର ଉପତ୍ୟକାରେ ବସବାସ କରୁଥିଲେ। ସେମାନଙ୍କ ସଂଖ୍ୟାଥିଲା ଖୁବ୍‌କମ୍। କାଳକ୍ରମେ ୟୁରୋପୀୟ ପରିବ୍ରାଜକମାନେ ଏହି ଅଞ୍ଚଳକୁ ଆସି ନିଜର ଆସ୍ଥାନକୁ ସୁଦୃଢ଼ କରିବା ନିମନ୍ତେ ମୂଳ ଶବର ଜନଜାତି ସଂପ୍ରଦାୟଙ୍କୁ ସେଠାରେ ଉଚ୍ଛେଦ କରିବା ସକାଶେ ବିଭିନ୍ନ ମାର୍ଗରେ ପଦକ୍ଷେପ ନେଇଥିଲେ। ୟୁରୋପୀୟମାନଙ୍କ ବାରମ୍ବାର ଅତ୍ୟାଚାର ଫଳରେ ମୂଳଶବର ଜନଜାତି ବ୍ୟତିବ୍ୟସ୍ତ ହୋଇ ସେଠାରୁ ଆମେରିକାର ବିଭିନ୍ନ ଅଞ୍ଚଳକୁ ଚାଲିଯାଇଥିଲେ। ଆମେରିକାରେ ୨୦୦୦ମସିହାରେ ହୋଇଥିବା ଜନଗଣନାରୁ ଜଣାଯାଏ, ଏହି ସମୟ ବେଳକୁ ପ୍ରାଚୀନ ଭାରତୀୟ ଶବର ଜନଜାତିଙ୍କ ବଂଶଧର କେହି ଜୀବିତ ନଥିଲେ। ସେମାନେ କେଉଁ ସମୟରେ କିପରି ଆସି ପୂର୍ବ ପ୍ରାନ୍ତରୁ ପଶ୍ଚିମ ପ୍ରାନ୍ତରେ ପହଞ୍ଚିଥିଲେ ତାହା ଅଧିକ ଗବେଷଣାକୁ ଅପେକ୍ଷା କରେ। ଏହି ପ୍ରସଙ୍ଗରେ ବିଶ୍ୱ ପ୍ରସିଦ୍ଧ ନର୍ଥକାରୋଲିନା ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିତ୍ ଓ ପ୍ରତ୍ନତତ୍ତ୍ୱବିତ୍‌ମାନେ ୧୯୯୦ ମସିହାରେ କରିଥିବା ଗବେଷଣା ସଂପର୍କରେ କିଞ୍ଚିତ ସୂଚନା ଦେବି ଆସନ୍ତା ସ୍ତମ୍ଭରେ-(କ୍ରମଶଃ)



# ଅଟିଜିମ୍ ସଚେତନା ଦିବସ



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ଅଟିଜିମ୍ (Autism) ଏକ ତ୍ରୁଟିଯୁକ୍ତ ଶାରୀରିକ ବିକାଶ ଯେଉଁଥିରେ ଅନ୍ୟ ଲୋକମାନଙ୍କ ସହିତ ସାମାଜିକ ଭାବ ବିନିମୟ ଓ ଯୋଗାଯୋଗ କରିବାରେ ସମସ୍ୟା ଦେଖାଯାଏ ଓ ସୀମିତ ତଥା ପୁନଃପୌନିକ ବ୍ୟବହାର ଦେଖାଯାଏ। ଶିଶୁର ପ୍ରଥମ ଦୁଇ ବା ତିନି ବର୍ଷ ମଧ୍ୟରେ ରୋଗ ଲକ୍ଷଣ ଲକ୍ଷ୍ୟ କରିପାରନ୍ତି। ଏକବର୍ଷ ବୟସ ସୁଦ୍ଧା ଏହି ଶିଶୁମାନଙ୍କୁ ନାଁ ଧରି ଡାକିଲେ ସେମାନେ ଜାଣିପାରନ୍ତି ନାହିଁ। ନିଜ ଆଖପାଖ ଲୋକଙ୍କ ସହ ମିଳାମିଶା କରନ୍ତି ନାହିଁ ଓ କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରିପାରନ୍ତି ନାହିଁ। ୧ରୁ୩ ବର୍ଷ ବୟସ୍କ ଶିଶୁମାନେ ଅନ୍ୟମାନଙ୍କ ନକଲ କରିପାରନ୍ତି ନାହିଁ, ସବୁବେଳେ ଏକୁଟିଆ ରୁହନ୍ତି କିମ୍ବା କେତେକ ନିର୍ଦ୍ଦିଷ୍ଟ ଖେଳ ହିଁ ଖେଳନ୍ତି। ଅଟିଜିମ୍ ହେଉଛି ଏକ ମସ୍ତିଷ୍କ ବିକାଶ ସମ୍ବନ୍ଧୀୟ ରୋଗ ଯାହା ସାଧାରଣତଃ ଶୈଶବ ଅବସ୍ଥାରୁ ଆରମ୍ଭ ହୋଇଥାଏ। ଏହି ରୋଗରେ ସାମାଜିକ ସମ୍ପର୍କ ସ୍ଥାପନ ଭାବର ଆଦାନପ୍ରଦାନ ଓ ଭାଷାର ପରିପ୍ରକାଶ ଆଦିରେ ଅସୁବିଧା ଦେଖାଯାଇଥାଏ। ଅଟିଜିମ୍ ରୋଗ ବିଭିନ୍ନ କାରଣରୁ ହୋଇପାରେ।ଜିନ୍‌ଗତ ପାରିପାର୍ଶ୍ୱିକ କାରଣଗୁଡ଼ିକ ଯୋଗୁ ଏହି ରୋଗ ଆରମ୍ଭ ହୋଇପାରେ। ପିଲା ଜନ୍ମ ପୂର୍ବରୁ ଓ ଜନ୍ମ ସମୟରେ ଘଟିଥିବା କେତେକ ସମସ୍ୟା ଏଥିପାଇଁ ଦାୟୀ ହୋଇପାରେ। ଗର୍ଭଧାରଣ ସମୟରେ ମାତାପିତାଙ୍କ ବୟସ ଅଧିକ ହୋଇଥିଲେ, ଗର୍ଭଧାରଣ ସମୟରେ ମାଆର ଶାରୀରିକ ଅସୁସ୍ଥତା, ନିର୍ଦ୍ଧାରିତ ସମୟ ପୂର୍ବରୁ ପିଲାର ଜନ୍ମ ସମୟରେ ଓଜନ କମ୍ ହେବା ଓ ଜନ୍ମ ପରେ ପିଲା ଡେରିରେ କାନ୍ଦିବା ଆଦି କାରଣ ଯୋଗୁ ଅଟିଜିମ୍ ରୋଗ ହୋଇପାରେ। ଏହି ପିଲାମାନେ ନିଜ ମନର ଆବେଗକୁ ନିୟନ୍ତ୍ରଣ କରିପାରନ୍ତି ନାହିଁ, ଯାହା ଫଳରେ ସେମାନେ ବିନା କାରଣରେ ହସନ୍ତି, କାନ୍ଦନ୍ତି ଏବଂ ରାଗନ୍ତି। କେତେକ ପିଲା ନିଜକୁ କ୍ଷତି କଲା ଭଳି ବ୍ୟବହାର ଯଥା ନିଜକୁ କାମୁଡ଼ିବା, ମୁଣ୍ଡ ବାଡ଼େଇବା, ଚୁଟି ଟାଣିବା ଆଦି ବାରମ୍ବାର କରିଥାନ୍ତି। ଏହି ରୋଗରେ ଆକ୍ରାନ୍ତ ପିଲାର ଭାଷାର ବିକାଶରେ ଅସୁବିଧା ହୋଇଥାଏ। ସେମାନଙ୍କର ଭାଷାର ବିକାଶ ବିଳମ୍ବ ହୋଇପାରେ କିମ୍ବା ଭାଷା ଅସ୍ୱାଭାବିକ ହୋଇପାରେ। କଥାବାର୍ତ୍ତା କଲାବେଳେ ସେମାନେ ବିଭିନ୍ନ ଶବ୍ଦ ଠିକ୍ ଭାବରେ ବ୍ୟବହାର କରିପାରନ୍ତି ନାହିଁ। ଉକ୍ତ ରୋଗରେ ପିଲାମାନେ କେତେକ ନିର୍ଦ୍ଦିଷ୍ଟ ବ୍ୟବହାରକୁ ବାରମ୍ବାର କରିଥାନ୍ତି। ଯେମିତିକି ଆଗକୁ ପଛକୁ ଦୋହଲିବା, ଆଖି ଆଗରେ ଆଙ୍ଗୁଠି ମୋଡ଼ିବା, ଗୋଲ ଗୋଲ ହୋଇ ଘୂରିବା, କେତେକ ନିର୍ଦ୍ଦିଷ୍ଟ ଶବ୍ଦକୁ ବାରମ୍ବାର କହିବା ଆଦି। ଅଟିଜିମ୍ ରୋଗରେ ପିଲାମାନଙ୍କ ଖେଳିବାର ଶୈଳୀରେ ମଧ୍ୟ ଅସ୍ୱାଭାବିକତା ଦେଖାଯାଇଥାଏ। ସେମାନେ ସାଧାରଣ ଭାବରେ ବ୍ୟବହାର ହେଉଥିବା ଖେଳନା ସହ ଖେଳି ନ ଥାନ୍ତି। ଘରକରଣା ଜିନିଷ ଯଥା ସାବୁନ, ଦଉଡ଼ି ଓ ମଗ ଆଦି ସହିତ ଖେଳିବାକୁ ବେଶି ପସନ୍ଦ କରିଥାନ୍ତି। ଅନ୍ୟ ପିଲାମାନଙ୍କ ସହ ନ ଖେଳି ସବୁବେଳେ ଏକୁଟିଆ ଖେଳିଥାନ୍ତି। ଏହି ପିଲାମାନେ କୌଣସି ଉଚ୍ଚ ଶବ୍ଦ କିମ୍ବା ଅତି ଉଜ୍ଜ୍ୱଳ ଆଲୋକ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାନ୍ତି ଏବଂ ଏସବୁ ପ୍ରତି ଅସ୍ୱାଭାବିକ ପ୍ରତିକ୍ରିୟା ପ୍ରକାଶ କରନ୍ତି। ପ୍ରାରମ୍ଭିକ ଅବସ୍ଥାରେ ଶିଶୁମାନଙ୍କ ଠାରେ ନିମ୍ନଲିଖିତ କୌଣସି ଲକ୍ଷଣ ଦେଖାଗଲେ ଅଟିଜମ୍‌ର ସନ୍ଦେହ ସୃଷ୍ଟି ହୋଇଥାଏ। ୧)୧୨ ମାସ ବୟସ ସୁଦ୍ଧା ପିଲା କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରି ନ ପାରିବା। ୨)୧୨ମାସ ବୟସ ସୁଦ୍ଧା ଆଙ୍ଗୁଠି ଦେଖାଇ ନ ପାରିବା କିମ୍ବା କୌଣସି ଅଙ୍ଗଭଙ୍ଗୀ ଦେଖାଇ ନ ପାରିବା। ୩) ୧୬ ମାସ ବୟସ ସୁଦ୍ଧା ଗୋଟିକିଆ ଶବ୍ଦ କହି ନ ପାରିବା। ୪) ୨୪ ମାସ ବୟସ ସୁଦ୍ଧା ଦୁଇ ଶବ୍ଦ ବିଶିଷ୍ଟ ବାକ୍ୟ କହି ନ ପାରିବା। ଅଟିଜିମ୍‌ରେ ଆକ୍ରାନ୍ତ ପିଲାମାନଙ୍କଠାରେ ନାନା ପ୍ରକାର ଶାରୀରିକ ସମସ୍ୟା ଯଥା ଅପସ୍ମାର ବାତ ବିଭିନ୍ନ ପେଟଜନିତ ସମସ୍ୟା ଏବଂ କେତେକ ନିର୍ଦ୍ଦିଷ୍ଟ ଜିନ୍‌ଗତ ରୋଗ ଆଦି ଦେଖାଯାଇଥାଏ। ଏଥିସହ ଅନ୍ୟ କେତେକ ମାନସିକ ସମସ୍ୟା ଯଥା: ଚଞ୍ଚଳାମି ରୋଗ (ଏଡିଏଚ୍‌ଡି) ମାନସିକ ଉଦ୍‌ବେଗ ରୋଗ, ଅବସାଦ ରୋଗ ଓ ନିଦ୍ରାହୀନତା ଆଦି ମଧ୍ୟ ଦେଖାଯାଇ ଥାଏ। ଏହି ରୋଗରେ ଅନେକ ପିଲାଙ୍କର ବୃଦ୍ଧିର ଠିକ୍ ବିକାଶ ହୋଇ ନ ଥାଏ।

ପ୍ରାରମ୍ଭିକ ଅବସ୍ଥାରେ ଅଟିଜିମ୍ ରୋଗର ଲକ୍ଷଣକୁ ଚିହ୍ନ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ। ଏଥି ନିମନ୍ତେ ମୁଖ୍ୟତଃ ବିଭିନ୍ନ ବ୍ୟବହାରିକ ଚିକିତ୍ସା ପଦ୍ଧତି(ସେନ୍‌ସୋରି ଇଣ୍ଟିଗ୍ରେସନ ଥେରାପି ଓ ସ୍ପିଚ୍ ଥେରାପି)ସହିତ କେତେକ ଔଷଧ ବ୍ୟବହାର କରାଯାଇଥାଏ। ଅଭିଭାବକମାନେ ଡାକ୍ତରଙ୍କଠାରୁ ସମସ୍ତ ବ୍ୟବହାରିକ ଚିକିତ୍ସା ପଦ୍ଧତିଗୁଡ଼ିକୁ ଜାଣିରଖିବା ଉଚିତ। ପିଲା ସହ ଏହି ଚିକିତ୍ସା ପଦ୍ଧତି ଅନୁସାରେ ବ୍ୟବହାର କଲେ ତା'ର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ। ତା'ର ଭାଷାରେ ମଧ୍ୟ ଧୀରେ ଧୀରେ ବିକାଶ ଘଟିଥାଏ। ପିଲାର ବ୍ୟବହାରିକ ସମସ୍ୟା ନିମନ୍ତେ କେତେକ ଔଷଧ ବ୍ୟବହାର କରାଯାଇଥାଏ। ଅଟିଜିମ୍ ସହ ଦେଖା ଯାଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟାର ମଧ୍ୟ ଉପଯୁକ୍ତ ଚିକିତ୍ସା ଜରୁରୀ। ଅଭିଭାବକମାନେ ଧୈର୍ଯ୍ୟର ସହିତ ଚିକିତ୍ସା କରାଇଲେ ଧୀରେ ଧୀରେ ପିଲାର ବ୍ୟବହାରରେ ଉନ୍ନତି ଦେଖାଯାଇଥାଏ।

ଅଟିଷ୍ଟିକ୍ ଆକ୍ରାନ୍ତ ଶିଶୁ ଅତି ଦୁର୍ବଳ ନହେଲେ ମଧ୍ୟ ସବଳ ହୁଏ ନାହିଁ। ତେଣୁ ଏମାନଙ୍କର ଚିକିତ୍ସାର ଆବଶ୍ୟକତା ପଡେ। ଯଥା: କଥୋପକଥନ, ଶାରିରୀକ ବ୍ୟାୟାମ, ବ୍ୟବହାରିକ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଇବା, ଖେଳ ମାଧ୍ୟମରେ କିଛି ମାତ୍ରାରେ ସୁଧାର ଆସିପାରେ। ଏହି ପିଲାମାନଙ୍କୁ ବୁଝିବା ଏବଂ ବୁଝାଇବା ତଥା ଶିକ୍ଷା ଦେବାପାଇଁ ଅସୀମ ଧୈର୍ଯ୍ୟ, ସ୍ନେହ ଆଦରର ଆବଶ୍ୟକତା ରହିଥାଏ। ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷକ/ ଥେରାପିଷ୍ଟ/ ଅଭିଜ୍ଞ ଡାକ୍ତରୀ ଜ୍ଞାନ ସମ୍ପନ୍ନ ବ୍ୟକ୍ତିଦ୍ୱାରା ଚିକିତ୍ସା କଲେ, ଉପକାର ମିଳିବାର ସମ୍ଭାବନା ଅଧିକ। ଏଥିପାଇଁ ବାପା, ମାଆ, ପରିବାରର ଲୋକ, ସାହିପଡ଼ୋଶୀ ପିଲାଟିର ସମବୟସ୍କ ଅନ୍ୟ ସାଧାରଣ ଶିଶୁ ତଥା ସମାଜର ସମସ୍ତଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ।ଅଟିଜିମ୍ ଆକ୍ରାନ୍ତ ପିଲାଙ୍କୁ ଭଲ କରିବାରେ ପିତାମାତା, ମନୋସ୍ତତ୍ତ୍ୱବିଦ୍, ଥେରାପିଷ୍ଟ ଓ ଦକ୍ଷ ତାଲିମ ପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷକଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ପିଲାଟି ଏକ ମୁହୂର୍ତ୍ତରେ କ'ଣ କରୁଛି ତାଙ୍କୁ ବିଚାରକୁ ନେଇ ଆନୁସଙ୍ଗିକ ସୁବିଧା ଯୋଗାଇବା ଦରକାର। ଅଟିଜିମ୍ ଏକ ରୋଗ ଅସୁସ୍ଥତା ଅଂଶଭୁକ୍ତ ବୋଲି ଭାବିବା ଠିକ୍ ହେବନି ବରଂ ଏହା ଏକ ଭିନ୍ନ ଧରଣର ବ୍ୟବହାର ବୋଲି ଧରି ସୁଧାର ଆଣିବାକୁ ଚେଷ୍ଟିତ ହେଲେ, ଅଟିଷ୍ଟିକ୍ ଶିଶୁଟି ସମାଜର ମୁଖ୍ୟ ସ୍ରୋତକୁ ଫେରିବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ସଚେତନତା ନିମନ୍ତେ ପ୍ରତିବର୍ଷ ଅପ୍ରେଲ ୨ ତାରିଖକୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଭାବରେ ପାଳନ କରାଯାଉଛି। ଅଟିଜିମ ଏକ ଭିନ୍ନତା ହୋଇପାରେ, ଏହା ଆମ ସାମଜ ପାଇଁ ବୋଝ ନୁହେଁ। ତେଣୁ ଏ ସମ୍ପର୍କରେ ଲୋକମାନଙ୍କ ଭିତରେ ଅଧିକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଅଭିଭାବକ, ସ୍ୱେଚ୍ଛାସେବୀ ସଙ୍ଗଠନମାନେ ଏ ଦିଗରେ ଆଗେଇ ଆସିବା ଜରୁରୀ। ଅଟିଜିମ ପୀଡ଼ିତଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କୁ ଉଚିତ ସମ୍ମାନ ଦେବା ଲାଗି ସମସ୍ତେ ମିଳିତ ଭାବେ କାମ କରିବା ଦରକାର ବୋଲି ଆଜିର ପ୍ରତିଜ୍ଞାବଦ୍ଧ ହେବା ଆବଶ୍ୟକ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ବର, ୦୨ ଅପ୍ରେଲ ୨୦୨୫ ବୁଧବାର



# ଆଭା

## ଅବସାଦ ଦୂର ପାଇଁ ଆପଣାନ୍ତୁ ଏହି ଟିପ୍ସ



ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ କେତେ ରୋଗମୁକ୍ତ ଓ ସୁସ୍ଥ ଜୀବନ ବିତାଉଛେ, ତାହା ଅନେକାଂଶରେ ନିର୍ଭର କରେ ଆମ ଖାଦ୍ୟ ଉପରେ। ହେଲେ ଖାଦ୍ୟପେୟରେ ଦୀର୍ଘକାଳୀନ ଅନିୟମିତା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ଜର୍ମାନୀର ପୁଷ୍ଟିବିଜ୍ଞାନୀମାନେ ଏକ ସଦ୍ୟତମ ଗବେଷଣାରୁ ଏକ ରୋଚକ କଥା ଜାଣିବାକୁ ପାଇଛନ୍ତି। ଆମେ ଦୈନନ୍ଦିନ ଖାଉଥିବା ଖାଦ୍ୟପେୟରେ ଆହୁରି କି କି ଉପକାରୀ ଗୁଣ ରହିଛି, ତାହାକୁ ସେମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଏଥିରୁ ସେମାନେ ଜାଣିପାରିଛନ୍ତି ସେ ସନ୍ତୁଳିତ ଖାଦ୍ୟ ଆମକୁ ଏକ ସମସ୍ୟାରୁ ଅନେକାଂଶରେ ରକ୍ଷା କରିଥାଏ। ତାହା ହେଲା ଅବସାଦ। ଅର୍ଥାତ୍, ଜଣେ ବ୍ୟକ୍ତି ଯଦି ନିଜର ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତି, ତେବେ ସେ ନିଜକୁ ଅନେକାଂଶରେ ଅବସାଦଠାରୁ ଦୂରେଇ ରଖିପାରିବେ। ବେଳେବେଳେ ସେମାନେ ଅବସାଦରେ ରହିବା ଯୋଗୁ ଅଧିକ ଖାଦ୍ୟ ଖାଇଥାନ୍ତି, ଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଆମେ ଖାଉଥିବା ଖାଦ୍ୟର ମାତ୍ରା ପ୍ରତି ନଜର ଦେବା ନିହାତି ଦରକାର। ତା'ସହ ସବୁବେଳେ ସନ୍ତୁଳିତ ଖାଦ୍ୟ ଆମକୁ ସୁସ୍ଥ ରଖିଥାଏ। ଗାଜର, ମୂଳା, କଖାରୁ, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳା ଆଦି ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଭଳି ଖାଦ୍ୟ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

## ଅଧିକ ଓଜନ ସାଜିବ ମୃତ୍ୟୁର କାରଣ



ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ଶାରିରୀକ ପରିଶ୍ରମର ଅଭାବ ଯୋଗୁଁ ମେଦ ବହୁଳତା ସୃଷ୍ଟି ହୋଇଥାଏ। ମେଦବହୁଳତା ଯୋଗୁ ଆମ ଶରୀରରେ ଅନେକ ରୋଗ ହେବାର ଆଶଙ୍କା ରହିଛି । ତେବେ ଅଧିକ ଓଜନ ସାଜିବ ମୃତ୍ୟୁର କାରଣ । ଏକ ନୂଆ ଅଧ୍ୟୟନରୁ ଖୁଲାସା ହୋଇଛି । ତେବେ ଏକ ଅଧ୍ୟୟନ ଅନୁଯାୟୀ, ମେଦବହୁତଳତା କାରଣରୁ କୌଣସି ରୋଗ ସୃଷ୍ଟି କରିବା ଏବଂ ମୃତ୍ୟୁ ହାର ୨୨ ପ୍ରତିଶତରୁ ବୃଦ୍ଧି କରି ୯୧ ପ୍ରତିଶତ କରିଦିଏ।

ପପୁଲାର ଷ୍ଟଡିଜ୍ ଜର୍ନାଲରେ ପବ୍ଲିସ ଅଧ୍ୟୟନର ରେଜଲ୍ଟ ମୁତାବକ, ହାଇ ବଡି ମାସ୍ ଇଣ୍ଡେକ୍ସ (ବିଏମଆଇ) ଥିବା ଲୋକଙ୍କ ମଧ୍ୟରେ ମୃତ୍ୟୁ ହେବାର ଆଶଙ୍କା ରହିଛି । ହୃଦ ରୋଗ, ହାଇ ବ୍ଲଡ ପ୍ରେସର ଏବଂ ଡାଇବେଟିସ ରୋଗୀଙ୍କର ମୋଟାପଣ କାରଣରୁ ମୃତ୍ୟୁ ଅଧିକ ହେଉଛି । କୋଲୋରାଡୋ ବୋଲଡର ୟୁନିଭର୍ସିଟୀରେ ସୋସିଓଲୋଜିର ଆସୋସିଏଟ ପ୍ରୋଫେସର ଲେଖକ ରେୟାନ ମାଷ୍ଟର୍ସ କହିଛନ୍ତି ଯେ ହାଇ ବିଏମଆଇ ମୃତ୍ୟୁ ଭୟକୁ ସାଧାରଣ ଭାବେ ସେପର୍ଯ୍ୟନ୍ତ ବଢ଼ାଇନଥାଏ, ଯେତେ ପର୍ଯ୍ୟନ୍ତ ଆପଣଙ୍କ ଲେବଲ ବହୁତ ହାଇ ହୁଏନାହିଁ । ସେ କହିଛନ୍ତି ଯେ ବିଏମଆଇ ଶରୀରର ଓଜନ ଏବଂ ଉଚ୍ଚତା ଉପରେ ଆଧାରିତ ହୋଇଥାଏ । ଏହି ରିସର୍ଚ୍ଚ ୪୪୬୮ ମୃତ ଲୋକଙ୍କ ସହ ୧୭, ୭୮୪ ସୁସ୍ଥ ଲୋକଙ୍କୁ ନେଇ ଅଧ୍ୟୟନ କରାଯାଇଥିଲା। ଷ୍ଟଡିରେ ଏହା ଜଣାପଡିଲା ଯେ ଅଧିକ ଓଜନ ଥିବା ମୋଟ ୨୦ ପ୍ରତିଶତ ନମୂନା ୧୦ ବର୍ଷ ପୂର୍ବରୁ ମୋଟାପଣ କ୍ୟାଟେଗୋରୀରେ ରହିଥିଲା । ଡାଟା ଅଲଗା କରିବା ପରେ ଦେଖିବାକୁ ମିଳିଲା ଯେ ଯେଉଁମାନଙ୍କ ଓଜନ ଷ୍ଟାବଲ ଥିଲା ସେ ଏହି ଗ୍ରୁପର କ୍ୟାଟେଗରୀର ଲୋକଙ୍କ ତୁଳନାରେ ବହୁତ ଖରାପ ଅବସ୍ଥା ରହିଥିଲା । ତେବେ ବିଏମ୍ ଆଇ ଅଧ୍ୟୟନ ଅନୁଯାୟୀ ପତଳା ଲୋକଙ୍କ ଅପେକ୍ଷା ମୋଟା ଲୋକଙ୍କର ମୃତ୍ୟୁ ଅଧିକ ଘଟୁଥିବାର ସମ୍ଭାବନା ରହିଛି ।

## ଫୋନ୍ ଦେଖି ଦେଖି ଖାଇବା ଦ୍ୱାରା ଅସୁସ୍ଥ ହୋଇପାରେ ଦେହ



ଆଜିକାଲିର ଫ୍ୟାସନ୍ ଖାଦ୍ୟ ଖାଇବା ସମୟରେ ମୋବାଇଲ୍ ଦେଖି ଦେଖି ଖାଦ୍ୟ ଖାଇବା । ପିଲା ଠୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ଘରେ ଦେଖିବାକୁ ମିଳି ଏହି ଦୃଶ୍ୟ । ଫୋନ୍ ଦେଖି ଖାଇବା ଦ୍ୱାରା ଆପଣଙ୍କ ଓଜନ ବଢ଼ିପାରେ । ଜୀବନଶୈଳୀ ଏବଂ ଖାଇବା ଅଭ୍ୟାସ ବଦଳାଇବା ଦ୍ୱାରା ଲୋକଙ୍କ ଶରୀରରେ ଅଧିକରୁ ଅଧିକ ଚର୍ବି ଜମା ହୋଇଥାଏ, ଯେଉଁ କାରଣରୁ ଶରୀରର ଅଙ୍ଗଗୁଡ଼ିକ ସଠିକ୍ ଭାବରେ କାମ କରିବା ବନ୍ଦ କରିଦିଏ । ଯାହାଫଳରେ ଲୋକମାନେ ଅସୁସ୍ଥ ହୁଅନ୍ତି। ଲୋକମାନେ ଆରାମଦାୟକ ଜୀବନଶୈଳୀ ଏବଂ ଫାଷ୍ଟଫୁଡର ପ୍ରଲୋଭନ ଛାଡି ପାରୁ ନାହାନ୍ତି, ଯେଉଁ କାରଣରୁ କ୍ରମାଗତ ଭାବରେ ମୋଟାପଣ ସଂଖ୍ୟା ବଢୁଛି । ଖାଦ୍ୟ ଖାଇବା ସମୟରେ ମୋବାଇଲ୍ କିମ୍ବା ଟିଭି ଦେଖିବା ଆମ ପାଇଁ ଏକ ଅଭ୍ୟାସ ହୋଇଗଲାଣି। କିନ୍ତୁ ଏହା କରିବା ବିପଦଜ୍ଜନକ ହୋଇପାରେ ଯେତେବେଳେ ଆପଣ ଖାଇବା ସମୟରେ ଅନ୍ୟ କୌଣସି ସ୍ଥାନରେ ଧ୍ୟାନ ଦିଅନ୍ତି, ତେବେ ଆପଣ ସଠିକ୍ ଭାବରେ ଚୋବାଇ ପାରିବେ ନାହିଁ ଏବଂ କମ୍ ଚୋବାଇଥିବା ଖାଦ୍ୟ ଶୀଘ୍ର ଓଜନ ବଢ଼ିଥାଏ।

କମ୍ ପାଣି ପିଇବା ମଧ୍ୟ ଓଜନ ବୃଦ୍ଧି ପାଇଁ ଏକ କାରଣ। ଯେତେବେଳେ ଆପଣ ଦିନକୁ ଅନେକ ଥର ପାଣି ପିଅନ୍ତି, ସେତେବେଳେ ଆପଣ କମ୍ ଭୋକିଲା ଅନୁଭବ କରନ୍ତି ଏବଂ ଅତ୍ୟଧିକ ଖାଇବା ଠାରୁ ଦୂରେଇ ରୁହନ୍ତି। ହାଇଡ୍ରେଟେଡ୍ ରହିବା ଦ୍ୱାରା ଫାଷ୍ଟଫୁଡ୍ ଲୋଭ ମଧ୍ୟ କମିଯାଏ। ଓଜନ ବଜାୟ ରଖିବା ପାଇଁ ବିଶେଷଜ୍ଞମାନେ ପ୍ରଚୁର ଜଳ ପିଇବାକୁ ପରାମର୍ଶ ଦିଅନ୍ତି, ସବୁଠୁ ବଡ଼ କଥା ହେଉଛି ସକାଳେ ଉଷୁମ ପାଣି ପିଇବା ଅଧିକ ଲାଭଦାୟକ ।

ଏକ ଭଲ ନିଦ, ଭଲ ସ୍ୱାସ୍ଥ୍ୟର ରହସ୍ୟ ବୋଲି କୁହାଯାଏ। 'ୱାର୍ଲ୍ଡ କଂଗ୍ରେସ ଅଫ୍ କାର୍ଡିଓଲୋଜି'ରେ ପଢ଼ାଯାଇଥିବା ଏକ ଅନୁସନ୍ଧାନରୁ ଜଣାପଡିଛି ଯେ ଶୋଇବା ୭ ରୁ ୮ ଘଣ୍ଟା ହେଲେ ହିଁ ଏହା ହୋଇଥାଏ। ଏହାଠାରୁ ଅଧିକ ଶୋଇଲେ ଓଜନ ବଢ଼ିପାରେ ଏବଂ ଜୀବନ ଲମ୍ବା ହେବା ପରିବର୍ତ୍ତେ ଛୋଟ ଏବଂ କଷ୍ଟଦାୟକ ହୋଇଥାଏ । ଯେଉଁମାନେ ୮-୯ ଘଣ୍ଟାରୁ ଅଧିକ ଶୋଇଥାନ୍ତି, ସେମାନଙ୍କଠାରେ ମୋଟାପଣ ହେବାର ଆଶଙ୍କା ୨୫ ପ୍ରତିଶତ ଅଧିକ ଥାଏ।

## ଭାରତରେ କମ୍ ବୟସ୍କ ହେଉଛନ୍ତି କର୍କଟ ରୋଗର ଶିକାର



କର୍କଟ ରୋଗରେ ଭାରତ ଅନେକ ଦେଶକୁ ପଛରେ ପକାଇ ସାରିଲାଣି। ଆହୁରି ଚିନ୍ତାଜନକ ବିଷୟ ହେଉଛି ୫୦ବର୍ଷ ପରେ ଯେଉଁ ସବୁ ରୋଗ ହୋଇଥାଏ ଭାରତୀୟଙ୍କ ମଧ୍ୟରେ ତାହା ମାତ୍ର ୩୦-୩୫ ବର୍ଷ ବୟସ୍କଙ୍କଠାରେ ଦେଖାଯାଉଛି। ଏକ ରିପୋର୍ଟ ଅନୁସାରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟରେ କୁହାଯାଇଛି ଯେ ବିଶ୍ୱର ଅନ୍ୟ ଦେଶରେ କର୍କଟ ରୋଗ ଯେଉଁଠାରେ ଅଧିକ ବୟସ୍କଙ୍କୁ ହେଉଥିବା ବେଳେ ଭାରତରେ ବହୁତ କମ ବୟସରୁ ଲୋକମାନେ କର୍କଟ ରୋଗର ଶିକାର ହେଉଛନ୍ତି। ବିଶେଷ କରି ଯୁବପୀଢ଼ିମାନେ କର୍କଟ ରୋଗର ଶିକାର ହେଉଛନ୍ତି। କେବଳ ଏତିକି ନୁହେଁ ମଧୁମେହ, ହୃଦରୋଗ, ଉଚ୍ଚ ରକ୍ତଚାପ, ମେଦବହୁଳତା, କର୍କଟ ଭଳି ଅଣ ସଂକ୍ରାମକ ରୋଗ ଭାରତୀୟ ଯୁବପୀଢ଼ିଙ୍କୁ ଶୀଘ୍ର ପ୍ରଭାବିତ କରୁଛି। ଏକ ଘରୋଇ ହସ୍ପିଟାଲର ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ଭାରତରେ କର୍କଟ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ତିନି ଜଣ ଭାରତୀୟଙ୍କ ମଧ୍ୟରୁ ଜଣେ ପ୍ରି-ଡାଇବେଟିସ୍ ଏବଂ ୧୦ରୁ ଜଣେ ପ୍ରି- ଉଚ୍ଚ ରକ୍ତଚାପର ଶିକାର ହେଉଛନ୍ତି। ଏହାସହିତ ସାଧାରଣତଃ ଯୁବପୀଢ଼ିମାନେ ମେଦବହୁଳତାର ଶିକାର ହେଉଥିବା ରିପୋର୍ଟରେ ଦର୍ଶାଯାଇଛି। ମାନସିକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହାଦ୍ୱାରା ଆମ ଦେଶରେ ସବୁକିଛି ଉପରେ ପ୍ରଭାବ ପକାଉଛି। ଯଦି ଆମ ଦେଶରେ ଯୁବପୀଢ଼ିମାନେ ସୁସ୍ଥ ନାହାଁନ୍ତି ତେବେ ଏହା ଆମର ଅର୍ଥନୀତିକୁ ଦୁର୍ବଳ କରିବା ଆରମ୍ଭ କରିବ। କିନ୍ତୁ ଏସବୁ ପଛରେ ସବୁଠାରୁ ବଡ କାରଣ ହେଉଛି ଆଜିର ଯୁବପୀଢ଼ିଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା। ଯାହା ପ୍ରତି କେହି ଧ୍ୟାନ ଦେଉନାହାଁନ୍ତି।

## ହାର୍ଟ ଓ କ୍ୟାନ୍ସର ଭଳି ରୋଗକୁ ଦୂର କରିଥାଏ ଖଜୁରୀ



ଆମେ ଆମ ସ୍ୱାସ୍ଥ୍ୟ ପାଇଁ ସବୁବେଳେ ସଚେତନ ରହିଥାଆନ୍ତି । ତେଣୁ ଆମେ ଅନେକ ସମୟରେ ବିଭିନ୍ନ ପ୍ରକାରର ଫଳ ଖାଇଥାଉ । ସେଥି ମଧ୍ୟରୁ ଖଜୁରୀ ଫଳ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଖଜୁରୀକୁ ପୁରାତନ ସମୟରେ ଅନେକ ସ୍ୱାସ୍ଥ୍ୟ ସମସ୍ୟାର କିମ୍ବା ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିଲା। ଖଜୁରୀରେ ଅନେକ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛି। ଏଥିସହ ଖଜୁରୀରେ ଔଷଧୀୟ ଗୁଣ ମଧ୍ୟ ରହିଛି । ଜାଣନ୍ତୁ କେତେ ପରିମାଣରେ ଏହାର ସେବନ କରିବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇଥାଏ। -ଖଜୁରୀକୁ ନିୟମିତ ଭାବେ ସେବନ କଲେ ମସ୍ତିଷ୍କକୁ ଶାନ୍ତ ରଖିବା ସହ ଦୁଶ୍ଚିନ୍ତା ଦୂର କରିଥାଏ । ସ୍ମରଣ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ମସ୍ତିଷ୍କକୁ ସୁସ୍ଥ ରଖିଥାଏ। ଏହା ସହ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ । -ଖଜୁରୀ ଖାଇଲେ ଶରୀରରେ ହିମୋଗ୍ଲୋବିନ୍ ବୃଦ୍ଧି ହୋଇଥାଏ । କେଶକୁ ସୁସ୍ଥ ରଖିବା ସହ ତ୍ୱଚାକୁ ବେଶ ଉଜ୍ଜ୍ୱଳ କରିଥାଏ । -ଖଜୁରୀରେ ଥିବା ପୋଷକ ତତ୍ତ୍ୱ ଓ ଫାଇବର ପେଟରେ ଉତ୍ତମ ବ୍ୟାକ୍ଟେରିଆ ବୃଦ୍ଧି କରିଥାଏ। ପେଟ ଜନିତ ଅନେକ ସମସ୍ୟାକୁ ଦୂର କରିଥାଏ । ପାଚନ ତନ୍ତ୍ରକୁ ମଧ୍ୟ ସୁସ୍ଥ ରଖିଥାଏ। ଏହା ମଧ୍ୟ ଗ୍ୟାଷ୍ଟ୍ରିକ୍, ଏସିଡିଟି, କୋଷ୍ଠକାଠିନ୍ୟ, ବଦ ହଜମି ଭଳି ସମସ୍ୟାକୁ ଦୂର କରିଥାଏ । -ଏକ ଅଧ୍ୟୟନ ଅନୁଯାୟୀ, ଖଜୁରୀରେ ସେଲେନିୟମ ସହିତ ୧୫ ଖଣିଜ ରହିଛି । ଯାହା କର୍କଟ ଭଳି ମାରାତ୍ମକ ରୋଗ ହେବାର ସମ୍ଭାବନା କମ୍ କରିଥାଏ । ଏହାସହ ସ୍ୱାସ୍ଥ୍ୟ ଅନେକ ସମସ୍ୟାକୁ ଦୂର କରିଥାଏ । ତେବେ ଏହାର ଉପକାରୀ ଗୁଣ ପାଇବାକୁ ଦିନକୁ ମାତ୍ର ୩ଟି ଖଜୁରୀ ଖାଆନ୍ତୁ। ଏହାକୁ ପ୍ରାୟ ଲଗାତାର ଏକ ସପ୍ତାହ ଯାଏଁ ସେବନ କରନ୍ତୁ। -ଖଜୁରୀରେ ମ୍ୟାଗ୍ନେସିୟମ, ସେଲେନିୟମ, ମାଙ୍ଗାନିଜ୍ ଆଦି ରହିଥିବାରୁ ଏହା ହାଡ଼କୁ ମଜଭୁତ କରିବା ସହ ସୁସ୍ଥ ରଖିଥାଏ। ହାଡ ଜନିତ ଅନେକ ସମସ୍ୟାକୁ ଦୂର କରିଥାଏ। ଏହାସହ ଏଥିରେ ଭିଟାମିନ୍-କେ ଭରପୁର ମାତ୍ରାରେ ରହିଛି। ରକ୍ତକୁ ପରିଷ୍କାର କରିବା ସହ ହାଡ ପାଇଁ ବେଶ ଉପକାରୀ ହୋଇଥାଏ। -ଏପରି ଖଜୁରୀ ସେବନ କରିବା ଦ୍ୱାରା ହୃଦୟ ସୁସ୍ଥ ରହିଥାଏ। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଥିବା ସହ କୋଲେଷ୍ଟେରୋଲ୍ ଦୂର କରିଥାଏ। ଯାହା ହୃଦୟ ଜନିତ ସମସ୍ୟାକୁ ଦୂର କରିବାରେ ବେଶ ସହାୟକ ହୋଇଥାଏ। -ଖଜୁରୀରେ ଥିବା ପ୍ରୋଟିନ, ଆଇରନ ଓ ଅନ୍ୟ ଭିଟାମିନ ମାଂସପେଶୀକୁ ମଜଭୂତ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। ଏହାସହ ଆପଣଙ୍କୁ ନିରୋଗୀ ରଖିବା ସହ ଥକ୍କାପଣ ମଧ୍ୟ ଦୂର କରିଥାଏ।

## ଗରମ ଅଞ୍ଚଳରେ ରହୁଥିବା ଲୋକଙ୍କର ବୃକକ୍ ଦୁର୍ବଳ ହୁଏ



ଗରମ ଅଞ୍ଚଳରେ ରହୁଥିବା ରୋଗୀଙ୍କ କିଡନୀ ଅଧିକ ଖରାପ ହେଉଛି। କ୍ରନିକ୍ ବୃକକ୍ ରୋଗ (ସିକେଡି) ରୋଗୀ ଯେଉଁମାନେ ଅତ୍ୟଧିକ ଗରମ ଅଞ୍ଚଳରେ ବାସ କରୁଛନ୍ତି ସେମାନଙ୍କର କିଡନୀର କାର୍ଯ୍ୟ କ୍ଷମତାରେ ଅତିରିକ୍ତ ଆଠ ପ୍ରତିଶତ ହ୍ରାସ ପାଇଥିବା ଏକ ଅଧ୍ୟୟନରୁ ପ୍ରକାଶ ପାଇଛି। ଲଣ୍ଡନ ସ୍କୁଲ ଅଫ୍ ହାଇଜିନ୍ ଆଣ୍ଡ ଟ୍ରପିକାଲ୍ ମେଡିସିନ୍ (ଏଲଏସଏଚଟିଏମ) ଏବଂ ୟୁନିଭରସିଟି କଲେଜ ଲଣ୍ଡନ (ୟୁସିଏଲ) ସହିତ ଜଡିତ ଗବେଷକଙ୍କ ନେତୃତ୍ୱରେ ହୋଇଥିବା ଏକ ଅଧ୍ୟୟନରେ ଏହା ସାମ୍ନାକୁ ଆସିଛି।

ଦି ଲାନସେଟ୍ ପ୍ଲାନେଟାରୀ ହେଲଥ୍ ଜର୍ଣ୍ଣାଲରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ତାପମାତ୍ରା ବୃଦ୍ଧି ପାଉଥିବାର ଜଳବାୟୁ ଅଞ୍ଚଳରେ ରହୁଥିବା ରୋଗୀଙ୍କ କିଡନୀ କ୍ଷମତାରେ ଏହି ପାର୍ଥକ୍ୟ ଦେଖାଯାଇଥିଲା। ଏସବୁ ଅଞ୍ଚଳରେ ଶୀତ ଏବଂ ଗ୍ରୀଷ୍ମ ତାପମାତ୍ରା ମଧ୍ୟରେ ମଧ୍ୟ ଅଧିକ ପାର୍ଥକ୍ୟ ପରିଲକ୍ଷିତ ହୋଇ ନ ଥାଏ।

ଏହି ଅଧ୍ୟୟନରେ ୨୧ ଟି ଦେଶର ୪,୦୧୭ ଲୋକ ସାମିଲ ହୋଇଥିଲେ। ଏହି ସମସ୍ତ ଲୋକ ବିଭିନ୍ନ ଜଳବାୟୁ ଅଞ୍ଚଳର ଥିଲେ। ସେଥିମଧ୍ୟରୁ କେତେକ ଉଚ୍ଚ ଆୟ ଦେଶରୁ ହୋଇଥିବାବେଳେ କେତେକ ମଧ୍ୟମ ଆୟ ଦେଶରୁ ଆସିଥିଲେ । ଏହା ଦେଖା ଯାଇଥିଲା ଅତ୍ୟଧିକ ଗରମ ଜଳବାୟୁରେ ରହୁଥିବା ରୋଗୀଙ୍କ କିଡନୀ କାର୍ଯ୍ୟ ପ୍ରତିବର୍ଷ ଅତିରିକ୍ତ ଆଠ ପ୍ରତିଶତ କମିଯାଇଥାଏ। ଏହା ବ୍ୟତୀତ ରୋଗୀଙ୍କର ଓଜନ, ମଧୁମେହ ଏବଂ ରକ୍ତଚାପ ମଧ୍ୟ ତାଙ୍କ ଉପରେ ଅତିରିକ୍ତ ପ୍ରଭାବ ପକାଇଥାଏ। ଗବେଷକମାନେ ଏହି ଅଧ୍ୟୟନରେ ଉତ୍ତାପ ଏବଂ କ୍ରନିକ୍ କିଡନୀ ରୋଗ (ସିକେଡି) ମଧ୍ୟରେ ଥିବା ସମ୍ପର୍କକୁ ମଧ୍ୟ ଆଲୋକିତ କରିଛନ୍ତି। କ୍ରନିକ୍ କିଡନୀ ରୋଗ ହେଉଛି ଏକ ରୋଗ ଯାହା କିଡନୀକୁ ବର୍ଷ ବର୍ଷ ଧରି ପ୍ରଭାବିତ କରିଥାଏ । ଗରମ ଦେଶରେ କିଡନୀ ସମ୍ବନ୍ଧୀୟ ରୋଗରେ ପୀଡିତ ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ଉତ୍ତାପ ଏକ ପ୍ରମୁଖ ସମସ୍ୟା ଅଟେ । ଏଥି ସହିତ, ବିଶ୍ୱର ତାପମାତ୍ରା ବୃଦ୍ଧି ପାଉଥିବାରୁ ଏହି ଅବସ୍ଥା ଗୁରୁତର ହୋଇପାରେ।

ଅଧ୍ୟୟନ ସହିତ ଜଡିତ ବରିଷ୍ଠ ଲେଖକ ପ୍ରଫେସର ବେନ୍ କ୍ୟାପଲିନଙ୍କ ଅନୁଯାୟୀ, ବର୍ତ୍ତମାନ ଆମେ ଜାଣୁ ଯେ ଏହି ରୋଗରେ ଉତ୍ତାପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, ଆମେ ଏହାର ମୁକାବିଲା ପାଇଁ ବିଭିନ୍ନ ପଦ୍ଧତିର ସାହାଯ୍ୟ ନେଇପାରିବା। ପ୍ରଚୁର ଜଳ ପିଇବା ପରି, ସୂର୍ଯ୍ୟଙ୍କୁ ଏଡାଇବା ଏବଂ ଅତ୍ୟଧିକ ଉତ୍ତାପର ସଂସ୍ପର୍ଶରେ ଆସିବା। ଏହି ଅଧ୍ୟୟନ ସିକେଡି ରୋଗୀଙ୍କ ଉପରେ ଧ୍ୟାନ ଦିଆଯାଇଥିଲା, ତେଣୁ ସାଧାରଣ କିଡନୀ ଥିବା ଲୋକଙ୍କ ଉପରେ ଉତ୍ତାପର କି ପ୍ରଭାବ ପଡିଥାଏ ତାହା କୁହାଯାଇପାରିବ ନାହିଁ।

ସମ୍ପ୍ରତି ପୃଥିବୀର ପ୍ରତ୍ୟେକ ଦଶମ ବ୍ୟକ୍ତି କିଡନୀ ସମ୍ବନ୍ଧୀୟ ରୋଗର ଶିକାର ହେଉଛନ୍ତି। ଭାରତର ଜନସଂଖ୍ୟାର ୧୬ ପ୍ରତିଶତ କ୍ରନିକ୍ ବୃକକ୍ ରୋଗରେ ପୀଡିତ। ୨୦୧୮ରେ ଡାଏଲିସିସ୍ ଗ୍ରହଣ କରୁଥିବା ରୋଗୀଙ୍କ ସଂଖ୍ୟା ଭାରତରେ ସର୍ବାଧିକ ୧ ଲକ୍ଷ ୭୫ ହଜାର ଥିଲା।

## ପେଟ ଯନ୍ତ୍ରଣା, ହଜମ ସମସ୍ୟା ହୋଇପାରେ ଗ୍ୟାଷ୍ଟ୍ରିକ୍ କର୍କଟ

କର୍କଟ ରୋଗ ମହାମାରୀ ଭଳି ବ୍ୟାପିବା ଆରମ୍ଭ କରିଛି। ଏହାର ମୁଖ୍ୟ କାରଣ ହେଉଛି ଅସ୍ୱାସ୍ଥ୍ୟକର ଜୀବନଶୈଳୀ। ଆଜିକାଲି ପେଟ ରୋଗ ସମସ୍ୟା ଯୋଗୁ ଅଧିକାଂଶ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଜଣାପଡିଛି। ପେଟ ରୋଗ ଜନିତ ସମସ୍ୟା ଥିଲେ ଆପଣ ଗ୍ୟାଷ୍ଟ୍ରିକ୍ କର୍କଟ ରୋଗର ଶିକାର ହୋଇପାରନ୍ତି। ଏହାକୁ ଶୀଘ୍ର ଚିହ୍ନଟ କରି ସଠିକ୍ ଚିକିତ୍ସା କରିବା ଜରୁରୀ।

ପେଟରେ ହେଉଥିବା କର୍କଟ ବା ଗ୍ୟାଷ୍ଟ୍ରିକ୍ କ୍ୟାନସର କ୍ଷେତ୍ରରେ ଭାରତ ହେଉଛି ପଞ୍ଚମ ଦେଶ। ଭାରତରେ ପ୍ରତିବର୍ଷ ପ୍ରାୟ ୬୦,୦୦୦ ନୂତନ ମାମଲା ଚିହ୍ନଟ ହେଉଛି ଏବଂ ପ୍ରତିବର୍ଷ ୫୦,୦୦୦ ଲୋକଙ୍କ ମୃତ୍ୟୁ ଘଟୁଛି। ମାୟୋକ୍ଲିନିକ ତଥ୍ୟ ଅନୁଯାୟୀ ଗ୍ୟାଷ୍ଟ୍ରିକ୍ କର୍କଟ ଯୋଗୁ ପେଟରେ କର୍କଟ କୋଷ ଗଠନ ହେବା ଆରମ୍ଭ ହୁଏ। ସେଠାରୁ ପୁରା ଶରୀରରେ ବ୍ୟାପିଥାଏ। ଏହି ଅଂଶ ପେଟର ଉପର ମଧ୍ୟ ଭାଗରେ ଏବଂ ପେଟ ତଳେ ରହିଥାଏ। ଯେଉଁଠାରେ ସାଧାରଣତଃ ଖାଦ୍ୟ ହଜମ ହୋଇଥାଏ।

ଖାଦ୍ୟ ଖାଇବା ପରେ ସଠିକ୍ ଭାବେ ହଜମ ନହେବା, ଅତ୍ୟଧିକ ଗ୍ୟାଷ୍ଟ୍ରିକ ଜନିତ ସମସ୍ୟା ଏବଂ ପେଟର ଉପରି ଅଂଶରେ ପ୍ରବଳ ଯନ୍ତ୍ରଣା ହେବା ଦ୍ୱାରା ପେଟରେ କର୍କଟ ରୋଗ ହେବାର ଆଶଙ୍କା ରହିଥାଏ। ଯଦି ପେଟରେ କର୍କଟ ହୁଏ ଏହା ପ୍ରଥମେ ପେଟ ଭିତରେ ବ୍ୟାପିବା ଆରମ୍ଭ କରେ। ତେବେ ଯଦି ଆପଣ ସଠିକ୍ ସମୟରେ ଚିକିତ୍ସା କରିବେ ଏହାକୁ ରୋକାଯାଇପାରିବ। କିନ୍ତୁ ଥରେ ଏହା ପଟେର ବାହ୍ୟ ଅଂଶରେ ବ୍ୟାପିଲେ ଏହାକୁ ରୋକିବା କଷ୍ଟକର ହୋଇଯାଏ। ଏହାର ଲକ୍ଷଣ ହେଲା ଖାଦ୍ୟ ଗିଳିବାରେ ଅସୁବିଧା ହେବା, ପେଟରେ ଅତ୍ୟଧିକ ଯନ୍ତ୍ରଣା ହେବା, ହଜମ ସଠିକ୍ ଭାବେ ନହେବା, ଯେତେବେଳେ ବି ଖାଦ୍ୟ ଖାଇବେ ପେଟ ଫୁଲିବା ଭଳି ସମସ୍ୟା, କମ୍ ମାତ୍ରାରେ ଖାଦ୍ୟ ଖାଇଲେ ବି ପେଟ ଫୁଲ ହୋଇଯିବା, ଭୋକ ନଲାଗିବା ଭଳି ଲକ୍ଷଣ ଦେଖାଯାଏ। ଏହାସହିତ ହୃଦଘାତ, ବାନ୍ତି ହେବା ଭଳି ସମସ୍ୟା ମଧ୍ୟ ଦେଖିବାକୁ ମିଳେ। ଏସବୁ ଲକ୍ଷଣ ଦେଖାଗଲେ ବିଳମ୍ବ ନକରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା କରିବା ଉଚିତ। ପେଟରେ କର୍କଟ ହେଲେ ଶୀଘ୍ର ଓଜନ ହ୍ରାସ ହୋଇଥାଏ। ସର୍ବଦା କ୍ଳାନ୍ତ ଏବଂ ସବୁବେଳେ ଅସୁସ୍ଥ ଅନୁଭବ ହୋଇଥାଏ। ଯଦି ଆପଣ ପେଟରେ ଯନ୍ତ୍ରଣା ଏବଂ ହଜମ ସମସ୍ୟା ଲଗାତାର ଅନୁଭବ କରୁଛନ୍ତି ତେବେ ଠିକ୍ ସମୟରେ ପରୀକ୍ଷା କରାଇବା ଜରୁରୀ।



## କମ୍ପ୍ୟୁଟର ଭଳି ମସ୍ତିଷ୍କରେ ବି ରହିଛି ଡିଲିଟ୍ ବଟନ୍

ମାନବ ମସ୍ତିଷ୍କ ହେଉଛି ନ୍ୟୁରନ୍ ଏବଂ ସିନେପ୍ସର ଏକ ଜଟିଳ ନେଟୱାର୍କ ଯାହା ଅନୁଭୂତି ଏବଂ ଶିକ୍ଷଣର ପ୍ରତିକ୍ରିୟାରେ କ୍ରମାଗତ ଭାବରେ ଅନୁକୂଳିତ ଏବଂ ପୁନଃସଂଗଠିତ ହୁଏ । ସ୍ନାୟୁ ବିଜ୍ଞାନରେ ଏକ ପୁରାତନ କଥା ଅଛି: "ନ୍ୟୁରନ୍ ଦ୍ୟାଟ୍ ଫାୟାର ଟୁଗେଦର ୱେର ଟୁଗେଦର" ଏହାର ଅର୍ଥ ହେଉଛି ଯେ ତୁମେ ଯେତେ ଅଧିକ ନିଜ ମସ୍ତିଷ୍କରେ ଏକ ନ୍ୟୁରୋ-ସର୍କିଟ୍ ସକ୍ରିୟ କରିବ, ସର୍କିଟ ସେତେ ଶକ୍ତିଶାଳୀ ହେବ। ଯାହାକି ଏହି ଧାରଣାକୁ ଭିତ୍ତି କରେ ଯେ ନିର୍ଦ୍ଦିଷ୍ଟ ସ୍ନାୟୁ ସର୍କିଟଗୁଡିକର ବାରମ୍ବାର ସକ୍ରିୟତା ସେମାନଙ୍କୁ ସମୟ ସହିତ ଶକ୍ତିଶାଳୀ କରିଥାଏ। ଏହାକୁ "ସିନେପ୍ଟିକ୍ ପ୍ରୁନିଙ୍ଗ" କୁହାଯାଇଥାଏ। ଏହା ଦ୍ୱାରା ମସ୍ତିଷ୍କ ନିଜକୁ ସଫା କରିଥାଏ। କଳ୍ପନା କରିବାକୁ ହେବ ମଣିଷ ର ମସ୍ତିଷ୍କ ଏକ ବଗିଚା, ଫୁଲ, ଫଳ ଏବଂ ପନିପରିବା ବଢ଼ିବା ପରି ନ୍ୟୁରନ୍ ମଧ୍ୟରେ ସିନେପ୍ଟିକ୍ ସଂଯୋଗ ବିକାଶ ହୋଇଥାଏ। ଏହା ଡୋପାମାଇନ୍, ସେରୋଟୋନିନ୍ ଏବଂ ଅନ୍ୟାନ୍ୟ ନ୍ୟୁରୋଟ୍ରାନ୍ସମିଟର ସହିତ ସଂଯୋଗ ହୋଇଥାଏ। ମସ୍ତିଷ୍କରେ ଥିବା "ଗ୍ଲିଆଲ୍ କୋଷିକା" ବଗିଚାର ମାଳି ଭଳି ।ଏହା ନିର୍ଦ୍ଦିଷ୍ଟ ନ୍ୟୁରନ୍ ମଧ୍ୟରେ ସଙ୍କେତକୁ ତ୍ୱରାନ୍ୱିତ କରିବାକୁ କାର୍ଯ୍ୟ କରିଥାଏ। ଗ୍ଲିଆଲ୍ କୋଷଗୁଡ଼ିକରୁ ବର୍ଜ୍ୟବସ୍ତୁ ଅପସାରଣ କରିଥାଏ। କେଉଁ ଜିନିଷଗୁଡିକ ଅପସାରଣ କରାଯିବା ଆବଶ୍ୟକ ତାହା



ମସ୍ତିଷ୍କ କିପରି ନିର୍ଣ୍ଣୟ କରେ ସେ ସମ୍ବନ୍ଧରେ ଅନୁସନ୍ଧାନ ଜାରି ରହିଛି। ମସ୍ତିଷ୍କକୁ ଛେଦନ କରୁଥିବା କୋଷକୁ "ମାଇକ୍ରୋଗ୍ଲିୟଲ୍ କୋଷ" କୁହାଯାଇଥାଏ। ଏହା ସିନେପ୍ଟିକ୍ ସଂଯୋଗଗୁଡ଼ିକୁ ଛେଦନ କରେ। ଏହି "ମାଇକ୍ରୋଗ୍ଲିୟଲ୍ କୋଷଗୁଡ଼ିକ" ହେଉଛି ମସ୍ତିଷ୍କର ଡିଲିଟ୍ ବଟନ୍, ଯାହା ମଣିଷର ଖରାପ ସ୍ମୃତିକୁ ହଟାଇ ଥାଏ । ଏହି ଉପାୟରେ ମଣିଷର ମନ କିଛି ନୂଆ ଶିଖିବା ପାଇଁ ସ୍ଥାନ ସୃଷ୍ଟି କରେ ଯାହା ଦ୍ୱାରା ମଣିଷ ଅଧିକ ଜାଣିପାରିଥାଏ।

ଏନେଇ ନିଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ମଣିଷ କିଛି ନୂଆ ଶିଖେ, କିଛି ସମୟ ପରେ ଅନୁଭବ କରିଥାଏ ମନ ବର୍ତ୍ତମାନ ଭରିଯାଇଛି। ମସ୍ତିଷ୍କ ଏହାଠାରୁ ଅଧିକ କାର୍ଯ୍ୟ କରିବାକୁ ସମର୍ଥ ହୋଇ ନ ଥାଏ। ତେଣୁ ଯେତେବେଳେ ତୁମେ କିଛି ନୂଆ ଶିଖିବ ଏବଂ ତୁମର ମସ୍ତିଷ୍କ ଭରିଯାଏ, ମସ୍ତିଷ୍କର "ମାଇକ୍ରୋଗ୍ଲିୟଲ୍ କୋଷ" ନୂଆ ନୂଆ ସ୍ମୃତି ସୃଷ୍ଟି କରେ। ତେଣୁ ବିଶ୍ରାମ ଆବଶ୍ୟକ। ଯେତେବେଳେ ମଣିଷ ଶୋଇଥାଏ, ମସ୍ତିଷ୍କ ନିଜକୁ ସଫା କରେ, ସେଥିପାଇଁ ଏକ ଭଲ ନିଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶୋଇବା ସମୟରେ ମନ ସଫା ହୋଇଯାଇଥାଏ । ଶୋଇବା ସମୟରେ ମସ୍ତିଷ୍କ କୋଷଗୁଡ଼ିକ ୬୦ ପ୍ରତିଶତ ହ୍ରାସ ପାଇଥାଏ। ସିନେପ୍ସକୁ ଛେଦନ ହୋଇଥାଏ। ସାଧାରଣତଃ ଭଲ ନିଦ ପରେ ମସ୍ତିଷ୍କ ସ୍ୱଷ୍ଟ ଭାବରେ ଚିନ୍ତା କରିବାକୁ ସମର୍ଥ ହୋଇଥାଏ। କ୍ଷମତା ବଢ଼ାଇବା ପାଇଁ କାର୍ଯ୍ୟ ମଧ୍ୟରେ ସ୍ୱଳ୍ପ ସମୟର ନିଦକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଇଥାଏ । ୧୦ କିମ୍ବା ୨୦ମିନିଟର ଶୋଇବା ଦ୍ୱାରା ମାଇକ୍ରୋଗ୍ଲିୟଲ୍ ଅବ୍ୟବହୃତ ସଂଯୋଗଗୁଡ଼ିକୁ ସଫା କରି ନୂତନ ସ୍ଥାନ ସୃଷ୍ଟି କରେ। କିଛି ଖରାପ ସମୃତିକୁ ହଟାଇ ଦିଆଯାଇଥାଏ। ଏହା ଦ୍ୱାରା ତିକ୍ତ ସ୍ମୃତି ଭୁଲି ହୋଇ ପାରିଥାଏ କିମ୍ବା ଏପରି ସ୍ଥିତିରେ ପହଞ୍ଚି ହୋଇଥାଏ ଯାହା ଦ୍ୱାରା ତିକ୍ତ ସ୍ମୃତି ମଣିଷକୁ ପ୍ରଭାବିତ କରିବା ବନ୍ଦ କରିଥାଏ। ଏଥିପାଇଁ ଭଲ ଶୋଇବା ଏବଂ ନୂତନ ଜିନିଷ ଶିଖିବା ଆବଶ୍ୟ। ଭଲ ଆଚରଣ ସହିତ ଜଡିତ ସ୍ନାୟୁ ସର୍କିଟକୁ ମଜବୁତ କରିବା ପାଇଁ ଅଭ୍ୟାସ ଆବଶ୍ୟକ। ସିନେପ୍ଟିକ୍ ଛେଦନ ସ୍ନାୟୁଗତ ଉତ୍ସଗୁଡ଼ିକର ଦକ୍ଷ ବଣ୍ଟନକୁ ସୁନିଶ୍ଚିତ କରେ ଏବଂ ଚାଲୁଥିବା ଶିକ୍ଷା ଏବଂ ଆଡାପ୍ଟେସନକୁ ସହଜ କରିଥାଏ।

# ଆଇପିଏଲ ୨୦୨୫ : ରୋହିତ ଶର୍ମାଙ୍କୁ ଇଗନୋର କଲେ ନୀତା ଅମ୍ବାନୀ

**ନୂଆଦିଲ୍ଲୀ**

ରୋହିତ ଶର୍ମାଙ୍କ ପାଇଁ ଆଇପିଏଲ-୨୦୨୫ କିଛି ଖାସ୍ ହୋଇନାହିଁ। ପ୍ରଥମ ତିନୋଟି ମ୍ୟାଚ୍‌ରେ ହିଟ୍‌ମ୍ୟାନଙ୍କ ପ୍ରଦର୍ଶନ ବହୁତ ଲଜ୍ଜାଜନକ ଥିଲା। ଏହି କାରଣରୁ ଏହି ଖେଳାଳିଙ୍କୁ କଡ଼ା ସମାଲୋଚନା କରାଯାଉଛି। ରୋହିତ କେକେଆର ବିପକ୍ଷରେ ଶେଷ ମ୍ୟାଚ୍‌ରେ ଜଣେ ପ୍ରଭାବଶାଳୀ ଖେଳାଳି ଭାବରେ ଖେଳିଥିଲେ। ତଥାପି ରୋହିତ ତାଙ୍କର ପ୍ରଭାବ ଛାଡ଼ିବାରେ ବିଫଳ ହୋଇଥିଲେ। ମ୍ୟାଚ୍ ଶେଷ ହେବା ପରେ ଦଳର ମାଲିକାଣୀ ନୀତା ଅମ୍ବାନୀ ତାଙ୍କ ସହ ବହୁତ ସମୟ କଥା ହୋଇଥିଲେ।

ସୋସିଆଲ ମିଡିଆରେ ଏକ ଭିଡିଓ ଏବେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହା ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବନାମ କେକେଆର ମ୍ୟାଚ୍ ସହିତ ଜଡ଼ିତ। ଏଥିରେ ମୁମ୍ବାଇର ସୁପରଷ୍ଟାର ରୋହିତ ଶର୍ମା ଏବଂ ଫ୍ରାଞ୍ଚାଇଜ ମାଲିକ ନୀତା ଅମ୍ବାନୀଙ୍କ ମଧ୍ୟରେ ଗମ୍ଭୀର ଆଲୋଚନା ହେଉଥିବାର ଦେଖିବାକୁ ମିଳିଥିଲା। ଭିଡିଓର ଶେଷରେ ହିଟ୍‌ମ୍ୟାନ କିଛି କହୁଥିଲେ। ଏହି ସମୟରେ ନୀତା ଅମ୍ବାନୀ ସେମାନଙ୍କଠାରୁ ମୁହଁ ଫେରାଇ ନେଇ କୋଲକାତା ନାଇଟ ରାଇଡର୍ସର ଖେଳାଳିମାନଙ୍କ ସହିତ କଥାବାର୍ତ୍ତା କରିବା ଆରମ୍ଭ କଲେ।

ରୋହିତ ଶର୍ମା ଆଇପିଏଲ ୨୦୨୫ର ପ୍ରଥମ ତିନୋଟି ମ୍ୟାଚରେ ମାତ୍ର ୨୧ ରନ କରିଛନ୍ତି। ସେ ଚେନ୍ନାଇ ସୁପର କିଙ୍ଗ୍‌ସ ବିପକ୍ଷରେ ପ୍ରଥମ ମ୍ୟାଚ୍‌ରେ ଶୂନ୍ୟ ସ୍କୋରରେ ଆଉଟ ହୋଇଥିଲେ। ଯେତେବେଳେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ, ୩୭ ବର୍ଷୀୟ ଖେଳାଳି ୮ ରନ ଯୋଗଦାନ ଦେଇଥିଲେ। କେକେଆର ସହ ତୃତୀୟ ମ୍ୟାଚରେ, ରୋହିତ ମାତ୍ର ୧୩ ରନ କରିବା ପରେ ନିଜର ୱିକେଟ ହରାଇଥିଲେ। ଖରାପ ଫର୍ମ ଯୋଗୁଁ, ପ୍ଲେଇଂ ଏକାଦଶରେ ତାଙ୍କର ସ୍ଥାନ ନିଶ୍ଚିତ ହେବା ପରି ମନେ ହେଉନାହିଁ।



# ଲକ୍ଷ୍ନୌକୁ ୮ ୱିକେଟରେ ହରାଇଲା ପଞ୍ଜାବ

**ଲକ୍ଷ୍ନୌ**

ଲକ୍ଷ୍ନୌର ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମଠାରେ ଖେଳାଯାଇଥିବା ଆଇପିଏଲର ୧୩ତମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପରଜାଏଣ୍ଟସକୁ ୮ ୱିକେଟରେ ପରାସ୍ତ କରିଛି ପଞ୍ଜାବ କିଙ୍ଗସ୍। ଲକ୍ଷ୍ନୌ ଦ୍ୱାରା ରଖାଯାଇଥିବା ୧୭୨ ରନର ଲକ୍ଷ୍ୟକୁ ପଞ୍ଜାବ ୧୬.୨ ଓଭରରେ ୧୭୭ ରନ କରି ହାସଲ କରିନେଇଥିଲା। ଦଳ ପକ୍ଷରୁ ପ୍ରଭସିମରନ ସିଂ ୬୯ ରନ କରିଥିବା ବେଳେ ଶ୍ରେୟସ ଆୟର ୫୨ ରନ ଓ ନିହାଲ ୱାଧେରା ୪୩ ରନ କରିଥିଲେ।

ଏହି ମ୍ୟାଚ୍‌ରେ ପଞ୍ଜାବ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଲକ୍ଷ୍ନୌ ଆରମ୍ଭରୁ ମିଚେଲ ମାର୍ସଙ୍କ ୱିକେଟ ହରାଇ ବିପଦରେ



ପଡ଼ିଥିଲା। ସେ ଖାତା ଖୋଲିପାରି ନ ଥିଲେ। ସେହିପରି ଅଧିନାୟକ ଋଷଭ ପନ୍ତ ମଧ୍ୟ ୨ ରନ କରିଥିଲେ। ତେବେ ଆଇଡେନ ମାର୍କରାମ ଓ ନିକୋଲାସ ପୁରନ ଲଢୁଆ ବ୍ୟାଟିଂ କରି ସ୍କୋରକୁ ଆଗେଇ ନେଇ ଥିଲେ। ମାର୍କରାମ ୨୮ ରନ ଓ ପୁରନ ୪୪ ରନ କରିଥିଲେ। ଆୟୁଷ ବାଦୋନି ୪୧ ରନ ଓ ଅବଦୁଲ ସମଦ ୨୭ ରନ କରିଥିଲେ। ଡେଭିଡ ମିଲର ୧୯ ରନ କରିଥିଲେ। ଏହା ଫଳରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୧ ରନ କରିଥିଲା।

# ୱିକେଟ କିପିଂ ପାଇଁ ସିଓଇକୁ ଅନୁମତି ମାଗିଲେ ସଞ୍ଜୁ

**ନୂଆଦିଲ୍ଲୀ**

ରାଜସ୍ଥାନ ରୟାଲ୍ସ (ଆରଆର) ଅଧିନାୟକ ସଞ୍ଜୁ ସାମସନ ଆଇପିଏଲ୍‌ରେ ୱିକେଟ କିପିଂ ଦାୟିତ୍ୱ ତୁଲାଇବା ଲାଗି ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସ (ସିଓଇ)ଠାରୁ ଅନୁମତି ମାଗିଛନ୍ତି। ଡାହାଣ ହାତ ବିଶି ଆଙ୍ଗୁଠିରେ ଅସ୍ତ୍ରୋପଚାର ପରେ ତାଙ୍କୁ କେବଳ ଖେଳିବା ପାଇଁ ସାମୟିକ ଅନୁମତି ମିଳିଥିଲା। ତାଙ୍କ ଅନୁପସ୍ଥିତିରେ ରିୟାନ ପରାଗ ଗତ ୩ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଇଥିଲେ। ସାମସନ ଜଣେ ବ୍ୟାଟର ଭାବେ ଖେଳିଥିବା ବେଳେ ଧ୍ରୁବ ଜୁରେଲ ଉଇକେଟକିପିଂ କରିଥିଲେ।

କ୍ରିକ୍‌ବଜ୍‌ରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ, ସିଓଇଠାରେ ସ୍ପୋର୍ଟସ ସାଇନ୍ସ ଡିଭିଜନ ଦ୍ୱାରା ସାମସନଙ୍କର ଆଙ୍ଗୁଠି ଅବସ୍ଥାର ମୂଲ୍ୟାଙ୍କନ କରାଯିବ। ଯଦି ତାଙ୍କୁ ଅନୁମତି ମିଳେ, ସେ ଦଳର ନେତୃତ୍ୱ ଭାର ସମ୍ଭାଳିବେ।

# ଡେବ୍ୟୁ ମ୍ୟାଚ୍‌ରେ ୪ ୱିକେଟ ନେଇ ରେକର୍ଡ କଲେ ଅଶ୍ୱିନୀ କୁମାର

**ମୁମ୍ବାଇ**

ମୁମ୍ବାଇ ଇଣ୍ଡିଆନ୍ସ ଦ୍ରୁତ ବୋଲର ଅଶ୍ୱିନୀ କୁମାର କୋଲକାତା ନାଇଟ ରାଇଡର୍ସ (କେକେଆର) ବିପକ୍ଷରେ ତାଙ୍କ ପ୍ରଦର୍ଶନରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି ଏବଂ ଅନେକ ରେକର୍ଡ ସୃଷ୍ଟି କରିଥିଲେ। ଏହି ମ୍ୟାଚ୍ ସହିତ ଅଶ୍ୱିନୀ ତାଙ୍କର ଆଇପିଏଲ ଡେବ୍ୟୁ କରିଥିଲେ ଏବଂ ପ୍ରଥମ ମ୍ୟାଚ୍‌ରେ ହିଁ ୪ ଉଇକେଟ ନେଇଥିଲେ। ଅଶ୍ୱିନ ତାଙ୍କ ପ୍ରଥମ ଓଭରର ପ୍ରଥମ ବଲରେ ହିଁ ଏକ ଉଇକେଟ ନେଇଥିଲେ।

ଅଶ୍ୱିନ ତାଙ୍କ ଆଇପିଏଲ କ୍ୟାରିୟରର ପ୍ରଥମ ବଲ୍‌ରେ କେକେଆର ଅଧିନାୟକ ଅଜିଙ୍କ୍ୟ ରାହାଣେଙ୍କୁ ଆଉଟ କରି ଏହି ସଫଳତା ହାସଲ କରିଥିଲେ। ଅଶ୍ୱିନ ମୁମ୍ବାଇ ପାଇଁ ତାଙ୍କ ଡେବ୍ୟୁ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଉଇକେଟ ନେଇଥିବା ଚତୁର୍ଥ ବୋଲର ହୋଇଥିଲେ। ଅଶ୍ୱିନୀଙ୍କ ପୂର୍ବରୁ ମୁମ୍ବାଇ ପାଇଁ ଅଲି ମୁର୍ତାଜା, ଆଲଜାରି ଯୋସେଫ ଏବଂ ଡେୱାଲ୍ଡ ବ୍ରେଭିସ ସେମାନଙ୍କ ଡେବ୍ୟୁ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଉଇକେଟ ନେଇଛନ୍ତି। ଅଶ୍ୱିନଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ କେକେଆର ଦଳ ମାତ୍ର ୧୧୬ ରନରେ ଅଲଆଉଟ୍ ହୋଇଯାଇଥିଲା। ରାହାଣେଙ୍କ ବ୍ୟତୀତ ଅଶ୍ୱିନୀ ରିଙ୍କୁ ସିଂହ, ମନୀଷ ପାଣ୍ଡେ ଏବଂ ଆନ୍ଦ୍ରେ ରସେଲଙ୍କ ଉଇକେଟ ନେଇଥିଲେ।

ଅଶ୍ୱିନ କୁମାର ଡେବ୍ୟୁ ମ୍ୟାଚ୍‌ରେ ତିନି ଓଭରରେ ୧୧ ରନ ଦେଇ ୪ଟି ଉଇକେଟ ନେଇଥିଲେ। ଏହା ଆଇପିଏଲ ଇତିହାସରେ



ଡେବ୍ୟୁରେ ଜଣେ ବୋଲରଙ୍କ ଚତୁର୍ଥ ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଅଶ୍ୱିନୀଙ୍କ ଏହି ପ୍ରଦର୍ଶନ ଡେବ୍ୟୁରେ ଯେକୌଣସି ଭାରତୀୟଙ୍କ ଦ୍ୱାରା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଆଇପିଏଲ ଡେବ୍ୟୁରେ ସର୍ବଶ୍ରେଷ୍ଠ ପ୍ରଦର୍ଶନର ରେକର୍ଡ ଆଲଜାରି ଯୋସେଫଙ୍କ ନାମରେ ଅଛି, ଯିଏ ୨୦୧୯ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଥିବା ସମୟରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୧୨ ରନ ଦେଇ ୬ଟି ଉଇକେଟ ନେଇଥିଲେ।

# ୩୩ତମ ଏକଲବ୍ୟ ପୁରସ୍କାର-୨୦୨୫ ନିମନ୍ତେ ଦରଖାସ୍ତ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଇମ୍ଫା ଗ୍ରୁପ୍ ଦ୍ୱାରା ପରିଚାଳିତ 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ' (ଇମ୍ପାକ୍ଟ) ତରଫରୁ ସମ୍ମାନଜନକ ୩୩ତମ 'ଏକଲବ୍ୟ ପୁରସ୍କାର ୨୦୨୫' ନିମନ୍ତେ ନାମାଙ୍କନ ପତ୍ର ଆହ୍ୱାନ କରାଯାଉଛି। 'ଏକଲବ୍ୟ ପୁରସ୍କାର' ହେଉଛି ଓଡ଼ିଶାର ଶ୍ରେଷ୍ଠ ଯୁବ କ୍ରୀଡ଼ାବିତ୍‌ଙ୍କ ପାଇଁ ଉଦ୍ଦିଷ୍ଟ ବାର୍ଷିକ କ୍ରୀଡ଼ା ପୁରସ୍କାର, ଯାହାର ନଗଦ ରାଶି ପରିମାଣ ଟ.୭,୦୦,୦୦୦/- (ସାତ ଲକ୍ଷ ଟଙ୍କା) ରହିଛି। ମୁଖ୍ୟ ପୁରସ୍କାର ଛଡ଼ା ଦୁଇଗୋଟି ଉପବିଜେତାଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଏ, ଯାହାର ପୁରସ୍କାର ରାଶି ପରିମାଣ ଟ.୧,୫୦,୦୦୦/- (ଏକ ଲକ୍ଷ ପଚାଶ ହଜାର ଟଙ୍କା) ଲେଖାଏଁ ରହିଛି। ଆଗ୍ରହୀ ପ୍ରାର୍ଥୀମାନେ ଓଡ଼ିଶା ସ୍ଥିତ କୌଣସି କ୍ରୀଡ଼ା ସଂଗଠନ/ବୋର୍ଡ/ସଂଘ, ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ମାଧ୍ୟମରେ ସେମାନଙ୍କ ନାମାଙ୍କନ ପତ୍ର ପଠାଇ ପାରିବେ। ପ୍ରାର୍ଥୀମାନଙ୍କର ବୟସ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ୨୫ ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ।

ପ୍ରାର୍ଥୀମାନେ ପ୍ରାଞ୍ଜଳ ଭାବେ ନିଜର ବୟସ ପ୍ରମାଣପତ୍ର ସହିତ ଗତ ଦୁଇବର୍ଷ (୧ ଏପ୍ରିଲ ୨୦୨୩ ରୁ ୩୧ ମାର୍ଚ୍ଚ ୨୦୨୫) ମଧ୍ୟରେ ରାଜ୍ୟ ସ୍ତରୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ହାସଲ କରିଥିବା ବିଭିନ୍ନ କୃତିତ୍ୱର ପ୍ରମାଣପତ୍ର ସହିତ ଦରଖାସ୍ତ ଦାଖଲ କରିବା ଆବଶ୍ୟକ।

ପ୍ରାର୍ଥୀପତ୍ରଗୁଡ଼ିକ ନିଶ୍ଚିତ ଭାବେ ୩୧ ମେ' ୨୦୨୫ ତାରିଖ ସୁଦ୍ଧା ଏକଲବ୍ୟ ପୁରସ୍କାର, ଇମ୍ପାକ୍ଟ, ଇମ୍ଫା ବିଲ୍, ଭୁବନେଶ୍ୱର – ୭୫୧୦୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ। ଏହାବ୍ୟତୀତ ପ୍ରାର୍ଥୀପତ୍ରଗୁଡ଼ିକ ekalabya@imfa.inକୁ ଇ-ମେଲ୍ କରି ହେବ ଏବଂ ସହାୟକ ପ୍ରମାଣପତ୍ର ଗୁଡ଼ିକୁ ଉପରୋକ୍ତ ଠିକଣାକୁ ଡାକ ମାଧ୍ୟମରେ ପଠାଇବାକୁ ହେବ।

# ଅସ୍ମିତା ରାଜ୍ୟ ହକି ପ୍ରତିଯୋଗିତା : ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ ଖୋର୍ଦ୍ଧା ଚାମ୍ପିଅନ୍

**ରାଉରକେଲା**

ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଅସ୍ମିତା ରାଜ୍ୟ ବାଳିକା ହକି ପ୍ରତିଯୋଗିତାର ଉପକନିଷ୍ଠ ବର୍ଗରେ ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ କନିଷ୍ଠ ବର୍ଗରେ ଖୋର୍ଦ୍ଧା ଦଳ ବିଜୟ ମୁକୁଟ ପିନ୍ଧିଛନ୍ତି। ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ଖେଳାଯାଇଥିବା ଉପକନିଷ୍ଠ ବର୍ଗର ଫାଇନାଲ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା।

ମ୍ୟାଚ୍‌ସାରା ଉଭୟ ଦଳର ଖେଳାଳିଙ୍କ ଉନ୍ନତ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ମ୍ୟାଚ୍ ଶେଷ ସୁଦ୍ଧା ସ୍କୋର୍ ୧-୧ ଗୋଲ ରହିବାରୁ ସୁଟ୍‌ଆଉଟ୍ ହୋଇଥିଲା। ଏଥିରେ ପାନପୋଷ କ୍ରୀଡ଼ାଛାତ୍ରାବାସ ୨-୧ ଗୋଲ୍‌ରେ ବାଜି ମାରିନେଇଥିଲା। ଖୋର୍ଦ୍ଧା ହକି ସଂଘ ୨-୧ ଗୋଲରେ ସୁନ୍ଦରଗଡ଼ ହକି ସଂଘକୁ ପରାସ୍ତକରି ତୃତୀୟ ସ୍ଥାନରେ ରହିଥିଲା। ସେହିଭଳି କନିଷ୍ଠ ବର୍ଗରେ ଖୋର୍ଦ୍ଧା ଜିଲ୍ଲା ହକି ସଂଘ ୨-୧ ଗୋଲରେ ସୁନ୍ଦରଗଡ଼ ଜିଲ୍ଲା ହକି ସଂଘକୁ ପରାସ୍ତକରି ଚାମ୍ପିଅନ୍ ହୋଇଛି।



ଏହି ବର୍ଗରେ ଦେବଗଡ଼ ଜିଲ୍ଲା ହକି ସଂଘ ୫-୦ ଗୋଲ୍‌ରେ ଏସ୍‌ଏମ୍‌ଏସ୍ ହକି ଏକାଡେମୀ (ସମ୍ବଲପୁର)କୁ ହରାଇ ତୃତୀୟ ସ୍ଥାନ ଦଖଲ କରିଛି। ଉପକନିଷ୍ଠ ବର୍ଗରେ ଇତି ନାଏକ (ପାନପୋଷ କ୍ରୀଡ଼ା ଛାତ୍ରାବାସ) ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ରିତିକା ଟିଗ୍ଗା (ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ) ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ନୀକିତା ତିର୍କୀ (ସୁନ୍ଦରଗଡ଼) ଶ୍ରେଷ୍ଠ ଗୋଲ୍‌କିପର, ସ୍ମିତା ଏକ୍କା (ସୁନ୍ଦରଗଡ଼) ଶ୍ରେଷ୍ଠ ମଧ୍ୟଭାଗ, ନିହାରିକା ଟପ୍ପୋ (ଖୋର୍ଦ୍ଧା) ଶ୍ରେଷ୍ଠ ରକ୍ଷଣଭାଗ, ଅଞ୍ଜଳି ବାରୱା (ପାନପୋଷ କ୍ରୀଡ଼ା ଛାତ୍ରାବାସ) ଶ୍ରେଷ୍ଠ ଅଗ୍ରଭାଗ ଖେଳାଳି ଓ ଶ୍ରେଷ୍ଠ ପ୍ରଶିକ୍ଷକ ଭାବେ ଖୋର୍ଦ୍ଧାର ପରମେଶ୍ୱର ମାରାଣ୍ଡି ପୁରସ୍କୃତ ହୋଇଥିଲେ।

ସେହିଭଳି କନିଷ୍ଠ ବର୍ଗରେ ଆନନ୍ଦିତା ଟପ୍ପୋ (ଖୋର୍ଦ୍ଧା) ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ଅଞ୍ଜଳି ଖାଖା(ସୁନ୍ଦରଗଡ଼) ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ପ୍ରଜ୍ଞା ପାରମିତା ପଣ୍ଡା(ଯାଜପୁର) ଶ୍ରେଷ୍ଠ ଗୋଲରକ୍ଷକ, ସୋନିଆ ଡୁଙ୍ଗଡୁଙ୍ଗ(ଏସ୍‌ଏମ୍‌ଏସ୍ ହକି ଏକାଡେମୀ) ଶ୍ରେଷ୍ଠ ମଧ୍ୟଭାଗ, ସୀମା ଏକ୍କା (ଦେବଗଡ଼) ଶ୍ରେଷ୍ଠ ରକ୍ଷଣଭାଗ, ଡଲି ଭୋଇ (ଖୋର୍ଦ୍ଧା) ଶ୍ରେଷ୍ଠ ପୁରୋଭାଗ ଓ ସୁଧୀର କୁମାର କୁଜୁର (ଦେବଗଡ଼) ଶ୍ରେଷ୍ଠ ପ୍ରଶିକ୍ଷକ ପୁରସ୍କାର ପାଇଛନ୍ତି। ଉଭୟ ବର୍ଗର ବିଜେତା ଦଳକୁ ୨ ଲକ୍ଷ ଟଙ୍କା, ଉପବିଜେତାକୁ ୧.୫ ଲକ୍ଷ ଓ ତୃତୀୟ ସ୍ଥାନ ପାଇଥିବା ଦଳକୁ ୧ ଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି ତଥା ସମସ୍ତ ବ୍ୟକ୍ତିଗତ ପୁରସ୍କାର ବିଜୟିନୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରା ଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ଉପବାଚସ୍ପତିଙ୍କ ପ୍ରତିନିଧି ଗୁରୁବିନ୍ଦର ସିଂହ, ପୂର୍ବତନଖେଳାଳି ପିଟର ତିର୍କି, ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ଉପ ନିର୍ଦ୍ଦେଶକ ସୁଦୀପ୍ତ ନାୟକ, ପାନପୋଷ କ୍ରୀଡ଼ା ଛାତ୍ରାବାସର ନିର୍ଦ୍ଦେଶକ ବିଜେ. କାରିଆପ୍ପା, ବରିଷ୍ଠ ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ, ରାକେଶ ମହାନ୍ତି, ଓଡ଼ିଶା ହକି ସଂଘ ସମ୍ପାଦକ ସନାତନ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଆରସିବି ଜିତିପାରେ ଆଇପିଏଲ ଟାଇଟଲ : ଏ ବି ଡିଭିଲିୟର୍ସ

**ନୂଆଦିଲ୍ଲୀ**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଆଇପିଏଲରେ ତାଙ୍କର ସର୍ବୋତ୍ତମ ଆରମ୍ଭ କରିଛି। ଏବେ ଅବସର ପ୍ରାପ୍ତ ଦକ୍ଷିଣ ଆଫ୍ରିକା ଖେଳାଳି ଏବି ଡିଭିଲିୟର୍ସ ମନେ କରନ୍ତି ଯେ ଦଳର ସନ୍ତୁଳନ ପୂର୍ବ ସିଜନ ତୁଳନାରେ '୧୦ ଗୁଣ ଭଲ'। ଶୁକ୍ରବାର ଚେପକରେ ରଜତ ପାଟିଦାରଙ୍କ ନେତୃତ୍ୱାଧୀନ ଆରସିବି ପାଞ୍ଚ ଥରର ଆଇପିଏଲ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍‌ସକୁ ୫୦ରନରେ ପରାସ୍ତ କରି ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଥିଲା।

୨୦୦୮ ମସିହାରେ ଉଦ୍‌ଘାଟନୀ ସିଜିନ ପରେ ଏହା ଚେନ୍ନାଇରେ ସିଏସ୍‌କେ ବିପକ୍ଷରେ ଆରସିବିର ପ୍ରଥମ ବିଜୟ ଥିଲା। ପୂର୍ବତନ ବାଙ୍ଗାଲୋର ଫ୍ରାଞ୍ଚାଇଜର ଡ୍ୟାସିଂ ବ୍ୟାଟ୍ସମ୍ୟାନ ଏବି ଡିଭିଲିୟର୍ସ ତାଙ୍କ ପୋଡ୍‌କାଷ୍ଟ 'ଏବି ଡିଭିଲିୟର୍ସ ୩୬୦' ରେ କହିଛନ୍ତି, 'ଗତ ସିଜିନ ତୁଳନାରେ ଆରସିବି ଦଳର ସନ୍ତୁଳନ ୧୦ ଗୁଣ ଭଲ।' ଦକ୍ଷିଣ ଆଫ୍ରିକାର ଏହି ମହାନ ଖେଳାଳି କହିଛନ୍ତି, ଗତବର୍ଷ ଆଇପିଏଲ ନିଲାମ ସମୟରେ ମୁଁ ଆରସିବିକୁ ସନ୍ତୁଳନ ଆବଶ୍ୟକ କରୁଥିବା ବିଷୟରେ କହିଥିଲି। ଏହା ବୋଲର, ବ୍ୟାଟ୍‌ସମ୍ୟାନ କିମ୍ବା ଫିଲ୍ଡରଙ୍କ ବିଷୟରେ ନୁହେଁ... ଏହା ଆଇପିଏଲ ଦଳ ଏବଂ ବିକଳ୍ପ ଗୁଡ଼ିକରେ ଏକ ଭଲ ସନ୍ତୁଳନ ରଖିବା ବିଷୟରେ। ଡିଭିଲିୟର୍ସ କହିଥିଲେ, ମୁଁ ଭୁବିଙ୍କୁ ଦେଖି ଭାବିଲି 'ସେ ଖେଳିବେ ନାହିଁ' ଏବଂ ସେ ଆସିଲେ। ଏହା ତୁମେ ଚାହୁଁଛ। ତୁମେ ଏପରି ଲୋକଙ୍କୁ ଚାହୁଁଛ ଯେଉଁମାନେ କହୁଛନ୍ତି, 'ବାଃ, ଏହି ବ୍ୟକ୍ତି ବଦଳି ଯାଇଛି।' ସେ ପ୍ରଥମ ଖେଳରେ (କେକେଆର ବିପକ୍ଷରେ) ପ୍ରାରମ୍ଭିକ ଲାଇନ ଅପ୍‌ରେ ମଧ୍ୟ ନଥିଲେ ଏବଂ ଏବେ ସେମାନେ ଦ୍ୱିତୀୟ ଖେଳରେ ଅନ୍ୟ କାହାକୁ ବଦଳରେ ଭୁବି କୁମାରଙ୍କୁ ଖେଳାଉଛନ୍ତି। ଦଳରେ ଏହା ହିଁ ଆପଣଙ୍କୁ ଆବଶ୍ୟକ ସନ୍ତୁଳନ ଏବଂ ଗଭୀରତା। ମିଷ୍ଟର ୩୬୦ ଡିଗ୍ରୀ କହିଛନ୍ତି, ଆରସିବି ପାଇଁ ବହୁତ ଭଲ ଆରମ୍ଭ ଏବଂ ଏହା ପ୍ରକୃତରେ ଭଲ ଲାଗୁଛି। ଆମେ ଭାବୁନାହୁଁ ଯେ 'ଏହି ବର୍ଷ କ'ଣ ଆରସିବି ଆଇପିଏଲ ଜିତିବ?' କିନ୍ତୁ ମୁଁ ବିଶ୍ୱାସ କରେ ଏହା ଆରସିବିର ସର୍ବୋତ୍ତମ ଆରମ୍ଭ। ଦଳ ବହୁତ ଭଲ ଦେଖାଯାଉଛି।

# ଆଇପିଏଲ୍ କର୍ଣ୍ଣର : ଦ୍ରାବିଡ଼ଙ୍କ ଅତୁଳନୀୟ ପ୍ରତିବଦ୍ଧତା

**ନୂଆଦିଲ୍ଲୀ**



କ୍ରିକେଟ୍ ପ୍ରତି 'ଦି ୱାଲ୍' ରାହୁଲ ଦ୍ରାବିଡ଼ଙ୍କ ଅତୁଳନୀୟ ପ୍ରତିବଦ୍ଧତାର ଜ୍ୱଳନ୍ତ ନମୁନା ରବିବାରର ରାଜସ୍ଥାନ ରୟାଲ୍‌ସ-ଚେନ୍ନାଇ ସୁପରକିଙ୍ଗ୍ସ ମ୍ୟାଚ୍‌ରେ ଦେଖିବାକୁ ମିଳିଥିଲା। ଏକ କ୍ଲବ୍ ମ୍ୟାଚ୍ ଅବସରରେ ଗୁରୁତର ଆଘାତ ଲାଗି ତାଙ୍କ ବାମ ଗୋଡ଼ ପ୍ଲାଷ୍ଟର୍ ହୋଇଥିଲେ ମଧ୍ୟ ଇଲେକ୍ଟ୍ରିକ୍ ଚେୟାର୍‌ରେ ବସି ଗୌହାଟୀର ବର୍ଷାପାରା ଷ୍ଟାଡିୟମ୍ ପିଚ୍ ନିରୀକ୍ଷଣ କରିଥିଲେ ସେ। ପରେ ଆଶାବାଡ଼ି ଧରି ଛୋଟେଇ ଛୋଟେଇ ପଡ଼ିଆ ଭିତରକୁ ଯାଇ ରାଜସ୍ଥାନ ଖେଳାଳିଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ମୁଖ୍ୟ ପ୍ରଶିକ୍ଷକ ଦ୍ରାବିଡ଼ଙ୍କ ଏହି ମହାନତାର ସମ୍ମାନ ରାଜସ୍ଥାନ ଖେଳାଳିମାନେ ବି ରଖିଥିଲେ।

ଚେନ୍ନାଇକୁ ରୋମାଞ୍ଚକ ଭାବେ ୬ ରନ୍‌ରେ ହରାଇ ଦ୍ରାବିଡ଼ଙ୍କୁ ଗୁରୁ ଦକ୍ଷିଣା ଦେଇଥିଲେ। ମ୍ୟାଚ୍ ପରେ ଚେନ୍ନାଇର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ମଧ୍ୟ ତାଙ୍କ ପାଖକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଦ୍ରାବିଡ଼ ହ୍ୱିଲଚେୟାରରେ ବସି ପିଚ୍ ନିରୀକ୍ଷଣ କରିବା ଏବଂ ଆଶାବାଡ଼ି ଧରି ପଡ଼ିଆ ଭିତରେ ନିଜ ଖେଳାଳିଙ୍କ ମାର୍ଗଦର୍ଶନ କରୁଥିବାର ଫଟୋ ପଦାକୁ ଆସିବା ପରେ ପ୍ରଶଂସକମାନେ ତାଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ଅନେକ ତାଙ୍କୁ କ୍ରିକେଟ୍ ଦୁନିଆର ସବୁଠାରୁ ପରିଶ୍ରମୀ, ନିସ୍ୱାର୍ଥପର ଓ ନିଷ୍ଠାବାନ ସୈନିକର ଆଖ୍ୟା ଦେଇଛନ୍ତି।

# କ୍ରିକେଟର କୁମାର ସାଙ୍ଗାକାରାଙ୍କୁ ଡେଟ୍ କରୁଛନ୍ତି ମଲାଇକା !

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ମଲାଇକା ଆରୋରା। ପ୍ରାୟତଃ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚାରେ ରହିଥାନ୍ତି। ମଲାଇକାଙ୍କର ଅର୍ଜୁନଙ୍କ ସହ ବ୍ରେକ୍‌ଅପ୍ ପରେ ଏବେ ସିଙ୍ଗଲ ଅଛନ୍ତି। ନିକଟରେ ମଲାଇକାଙ୍କୁ ଗୌହାଟୀରେ ଆଇପିଏଲ ମ୍ୟାଚ୍ ଦେଖୁଥିବାର ନଜର ଆସିଥିଲେ। ଏହାରି ମଧ୍ୟରେ ତାଙ୍କ ସହ ପୂର୍ବତନ କ୍ରିକେଟର କୁମାର ସାଙ୍ଗାକାରାଙ୍କ ସହିତ ଦେଖିବାକୁ ମିଳିଥିଲା। ଦୁହେଁ ଏକାଠି ମ୍ୟାଚ୍ ଉପଭୋଗ କରୁଥିବା ଦେଖି ପ୍ରଶଂସକମାନେ କଳ୍ପନା ଜଳ୍ପନା ଆରମ୍ଭ କଲେଣି। କହୁଛନ୍ତି ଯେ ସେମାନଙ୍କ ମଧ୍ୟରେ ନିଶ୍ଚିତ ଭାବରେ କିଛି ଚାଲିଛି।

ମଲାଇକା ଆରୋରା ନିକଟରେ ଆଇପିଏଲର ଉଦ୍‌ଘାଟନୀ ସମାରୋହ ପାଇଁ ଗୌହାଟୀ ଯାଇଥିଲେ। ସେ ଷ୍ଟାଡିୟମରେ ଚେନ୍ନାଇ ସୁପର କିଙ୍ଗ୍‌ସ ଏବଂ ରାଜସ୍ଥାନ ରୟାଲ୍ସର ଲାଇଭ୍ ମ୍ୟାଚ୍ ଦେଖିଥିଲେ। ଭାଇରାଲ ହୋଇଥିବା ଏକ ଫଟୋରେ, ମଲାଇକାଙ୍କୁ କୁମାର ସାଙ୍ଗାକାରାଙ୍କ ସହ ଜଜ ଜର୍ସି ପିନ୍ଧି ବସିଥିବାର ନଜର ଆସିଥିଲେ। ଦୁହେଁ ଏକାଠି ମ୍ୟାଚ୍ ବସି ମ୍ୟାଚ୍ ଉପଭୋଗ କରୁଥିଲେ। ତାଙ୍କର ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଏହାକୁ ଦେଖି ପ୍ରଶଂସକମାନେ କହୁଛନ୍ତି ଯେ



ଉଭୟଙ୍କ ମଧ୍ୟରେ ନିଶ୍ଚିତ ଭାବରେ କିଛି ଚାଲିଛି। ତଥାପି, ଏହା କେବଳ ଏକ ମ୍ୟାଚର ସିନ୍। ଯାହାକୁ ଉଭୟ ଷ୍ଟାର ଉପଭୋଗ କରୁଛନ୍ତି। ହେଲେ ମଲାଇକା ଆରୋରାଙ୍କ ଜଣେ ପ୍ରଶଂସକ ଏହା ମଧ୍ୟ ଲେଖିଛନ୍ତି ଯେ ଏହା ଏକ ବେକାର ଗୁଜବ, ଉଭୟଙ୍କ ମଧ୍ୟରେ କିଛି ଚାଲି ନାହିଁ। କହିବାକୁ ଗଲେ ଅରବାଜ ଖାନଙ୍କ ଠାରୁ ଛାଡ଼ପତ୍ର ପରେ ମଲାଇକା ଅଭିନେତା ଅର୍ଜୁନ କପୁରଙ୍କୁ ଡେଟ୍ କରୁଥିଲେ। କିନ୍ତୁ କିଛି ମାସ ପୂର୍ବରୁ ମଲାଇକା ଏବଂ ଅର୍ଜୁନଙ୍କ ମଧ୍ୟରେ ବ୍ରେକଅପ୍ ହୋଇଥିଲା। ଯାହା ପରେ ଅଭିନେତ୍ରୀଙ୍କୁ ଏବେ ସିଙ୍ଗଲ ଲାଇଫ୍ ଏନ୍‌ଜୟ କରୁଥିବାର ଦେଖିବାକୁ ମିଳୁଛି।

# ବ୍ୟଙ୍ଗକବି ଅପର୍ତ୍ତୀ ସେଠୀ ସମ୍ବର୍ଦ୍ଧିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ାର ଜଣାଶୁଣା ବ୍ୟଙ୍ଗକବି ଅପର୍ତ୍ତୀ ସେଠୀଙ୍କୁ ବିଶ୍ୱ ଓଡ଼ିଶା ସାହିତ୍ୟ ପରିଷଦ ଦ୍ୱାରା ଆୟୋଜିତ ଏକ ସମାରୋହରେ ଅସ୍ମିତା ସାହିତ୍ୟ ମହୋତ୍ସବ ୨୦୨୫ କାର୍ଯ୍ୟକ୍ରମରେ ଶ୍ରୀ ସେଠୀଙ୍କୁ ଓଡ଼ିଆ ଅସ୍ମିତା ସାରସ୍ୱତ ସମ୍ମାନ ୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ସଭାରେ ଓଡିଆ ଭାଷା ସାହିତ୍ୟ ଓ ଐତିହ୍ୟ ସୁରକ୍ଷାର ସଭାରେ ରାଜ୍ୟ ସଂଯୋଜକ ତଥା ଅନୁଷ୍ଠାନର ସଭାପତି ଦୀପାୟନ ପଟ୍ଟନାୟକ, ସମ୍ପାଦକ ମନୋଜ ମନ୍ମୟ ସାହୁ, ଅବସରପ୍ରାପ୍ତ ବିଚାରପତି ରତିକାନ୍ତ ମହାପାତ୍ର, ସୁସାହିତ୍ୟିକ ଗୋବିନ୍ଦ ଚାନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ୱେତ କୁମାର ଆଶୁତୋଷ ସାମନ୍ତ ବିଶ୍ୱ ଓଡ଼ିଶା ସାହିତ୍ୟ ପରିଷଦର ସଂଯୋଜକ ଅମରେନ୍ଦ୍ର ପ୍ରସାଦ ସାହୁ, ନିର୍ମଳା ମହାପାତ୍ର, ଅନୁଷ୍ଠାନର ସଂଯୋଜିକା ରଶ୍ମିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜନୈତିକ ସର୍ବଦଳୀୟ ବୈଠକ ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଯୋଗଦେଇ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲାର ସମସ୍ତ ବୁଥ୍‌ରେ ବୁଥ୍ ଲେବୁଲ୍ ଅଫିସରମାନଙ୍କ ସହିତ ସମସ୍ତ ରାଜନୈତିକ ଦଳର ବୁଥ୍ ଲେବୁଲ୍ ଏଜେଣ୍ଟ ନିଯୁକ୍ତି ଦେଇ ଭୋଟର ଲିଷ୍ଟ ସଂଶୋଧନ, ନୂତନ ଯୋଗ ଓ ଭୋଟର ଲିଷ୍ଟରୁ ନାମ ବାଦ୍ କରିବା, ମୃତ୍ୟୁବରଣ କରିଥିବା ଭୋଟରମାନଙ୍କୁ ଚିହ୍ନଟ କରି ତାଙ୍କ ନାମ କଟିବା ଓ ଆନୁସଙ୍ଗିକ ବୁଥ୍‌ର ସମସ୍ୟା ସଂପର୍କରେ ସହଯୋଗ କରିବା ପାଇଁ ନିର୍ବାଚନ କମିଶନର ଦେଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି ଆଲୋଚନା ସମୟରେ ବିଜେଡିର ଧିରେନ କୁମାର ସାହୁ, ବିଜେପିର ଉପିନ କୁମାର ରାଉତ, କଂଗ୍ରେସର ପ୍ରଫୁଲ୍ଲ ଦାସ, ସିପିଏମ୍‌ର ଗୟାଧର ଧଳ, ଆପ୍ ଓ ବିଏସ୍‌ପିର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ନୂଆଦିଲ୍ଲୀରେ ଓଡ଼ିଶା ଦିବସ ସମାରୋହକୁ ସମ୍ବୋଧିତ କଲେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

**ଭୁବନେଶ୍ୱର, ପିଆଇବି**

କେନ୍ଦ୍ର ରେଳ, ସୂଚନା ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଆୟୋଜିତ ଓଡ଼ିଶା ଦିବସ ସମାରୋହକୁ ସମ୍ବୋଧନ କରିଛନ୍ତି। ସମସ୍ତଙ୍କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବର୍ଷ ପୂର୍ତ୍ତି ଅବସରରେ ଶୁଭେଚ୍ଛା ଜଣାଇ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶା ବିକାଶର ଗତି ତ୍ୱରାନ୍ୱିତ ହୋଇଛି। ଡବଲ ଇଞ୍ଜିନ ସରକାର ଆସିବା ପରେ ରାଜ୍ୟର ପ୍ରଗତି ଆହୁରି ଗତିଶୀଳ ହେଉଛି। ରାଜ୍ୟକୁ ମିଳୁଥିବା ରେଳ ଅନୁଦାନ ଚାରି ଗୁଣ ବୃଦ୍ଧିପାଇଛି। ବିଗତ ତିନି ବର୍ଷ ଧରି ମୋଦୀ ସରକାର ଓଡ଼ିଶାକୁ ୧୦ ହଜାର କୋଟିରୁ ଅଧିକ ଟଙ୍କା ଲେଖାଏଁ ରେଳ ଅନୁଦାନ ଯୋଗାଇ ଦେଇଛନ୍ତି।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ବିକାଶଧାରାକୁ ତ୍ୱରାନ୍ୱିତ କରିବା ଲାଗି ପ୍ରାଥମିକତା ଦେଉଛନ୍ତି। ପୂର୍ବରୁ ରାଜ୍ୟର ବିକାଶ ଅତି ମନ୍ଥର ଗତିରେ ହେଉଥିଲା। ଏବେ କିନ୍ତୁ ବନ୍ଦେ ଭାରତ ବେଗରେ ଓଡ଼ିଶାର ବିକାଶ ହେଉଛି। ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ଦୁଇ ହଜାର କିଲୋମିଟର ନୂଆ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି। ମାଲେସିଆ ଭଳି ଦେଶର ମୋଟ୍ ରେଳ ନେଟୱର୍କର ଆକାର ଯେତିକି ତା'ଠାରୁ ଅଧିକ ରେଳ ଟ୍ରାକ୍ ଓଡ଼ିଶାରେ ନିର୍ମାଣ କରାଯାଇଛି ବୋଲି କେନ୍ଦ୍ର ରେଳ ମନ୍ତ୍ରୀ କହିଥିଲେ।



ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଓଡ଼ିଶାକୁ ୭୩ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ଭେଟି ଦେଇଛନ୍ତି। ଏହାକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଆହୁରି ଅଧିକ ବନ୍ଦେ ଭାରତ ଟ୍ରେନ ଚଳାଚଳ କରାଯିବ। ତୃତୀୟ କାର୍ଯ୍ୟକାଳରେ ରାଜ୍ୟର ତିନି ଗୁଣ ଅଧିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଶ୍ରୀ ବୈଷ୍ଣବ କହିଥିଲେ। କେନ୍ଦ୍ର ମନ୍ତ୍ରୀ ଆହୁରି କହିଥିଲେ, ରାଜ୍ୟକୁ ଆଇଟି ଉଦ୍ୟୋଗର କେନ୍ଦ୍ରସ୍ଥଳୀରେ ପରିଣତ କରିବା ଲାଗି ଯୋଜନା କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ଭୁବନେଶ୍ୱର ରେଳ ଷ୍ଟେସନରେ ନିର୍ମାଣାଧୀନ ଅଟ୍ଟାଳିକାର ପ୍ରଥମ ଚାରିଟି ମହଲାକୁ ରେଳବାଇ କାର୍ଯ୍ୟରେ ଉପଯୋଗ କରାଯିବ। ପଞ୍ଚମରୁ ଏକାଦଶ ମହଲାକୁ ଆଇଟି ଉଦ୍ୟୋଗକୁ ସମର୍ପିତ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।


## ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

**ବିଜ୍ଞାପନ**

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ, 'କଲ୍ଲୋଳ-୨୦୨୫' ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ଠାରେ ପାଳନ କରାଯାଉଛି। ପ୍ରତିଦିନ ସନ୍ଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଅଛି।

ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି।

ସ୍ୱା/- ଶ୍ରୀଯୁକ୍ତ ଜେ. ସୋନାଲ, ଭା.ପ୍ର.ସେ.
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

ଭୁବନେଶ୍ୱର
୦୨ ଅପ୍ରେଲ,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



କଟକ : "ଓଡ଼ିଶା ଦିବସ" ପାଳନ ଅବସରରେ ଜନ୍ମସ୍ଥଳୀ ସତ୍ୟଭାମାପୁରରେ ମଧୁବାବୁଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)

## ଗ୍ରୀଷ୍ମ ପ୍ରବାହରୁ ବର୍ତ୍ତିବା ପାଇଁ

# ଶ୍ରୀମନ୍ଦିରରେ ଭକ୍ତମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା

**ପୁରୀ, ୦୧/୪ନ୍ୟୁଜ ବ୍ୟୁରୋ**

ଖରାରେ ସିଝିବେନି ଭକ୍ତ । ସୂର୍ଯ୍ୟଙ୍କ ପ୍ରକୋପରୁ ବର୍ତ୍ତିବା ପାଇଁ କରାଯାଇଛି ବ୍ୟବସ୍ଥା । ରାଜ୍ୟ ସରକାର ଭକ୍ତଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା କରୁଛନ୍ତି ଅତି ସହଜ । ଧିରେ ଧିରେ ସୁଧୁରୁଛି ସ୍ଥିତି । ଭକ୍ତଙ୍କୁ ଆଉ ଟାଇଁ ଟାଇଁ ଖରାରେ ଧାଡ଼ିରେ ଛିଡ଼ା ହୋଇ ହନ୍ତସନ୍ତ ହେବାକୁ ପଡ଼ିବନି। କାରଣ ସେମାନଙ୍କ ପାଇଁ ରାଜ୍ୟ ସରକାର କରିଛନ୍ତି ସୁନ୍ଦର ବ୍ୟବସ୍ଥା। ଖରା ଦାଉରୁ ରକ୍ଷା ପାଇଁ ବଡ଼ଦାଣ୍ଡରେ ସେଡ୍ ବ୍ୟବସ୍ଥା କରାଯାଇଛି । ଏମିତିକି ପାଣି ପିଇବାକୁ ମଧ ଦିଆଯାଉଛି । ଖାଲି ସେତିକି ନୁହେଁ ଭକ୍ତଙ୍କୁ ଗରମ ଓ ଗୁଳୁଗୁଳିରୁ ରକ୍ଷା ପାଇଁ କୁଲର ବ୍ୟବସ୍ଥା ମଧ କରାଯାଇଛି । ଭକ୍ତଙ୍କ ପାଦ ଯେମିତି ଖରାରେ ତାତି ନଯାଏ, ସେଥିପାଇଁ ତଳେ ମ୍ୟାଟ୍ ମଧ ପଡ଼ିଛି ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଶ୍ରୀ ହରିଚନ୍ଦନ କହିଛନ୍ତି, କିଛି ଲୋକ ରାଜନୈତିକ ଉଦ୍ଦେଶ୍ୟ ରଖି ଭକ୍ତଙ୍କୁ ଜଗନ୍ନାଥଙ୍କ ପାଖକୁ ନଆସିବା ପାଇଁ ସୋସିଆଲ୍ ମିଡିଆରେ ଡ୍ରାଇଭ ଆରମ୍ଭ କରିଛନ୍ତି । ଅନ୍ୟପଟେ ସୋମବାର ଚୈତ୍ର ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି। ଏହି ଅବସରରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଛି ଶ୍ରୀଜୀଉଙ୍କର ଖସାପଡ଼ା ନୀତି। ମଧ୍ୟାହ୍ନ ଧୂପ ପରେ ଦଇତାପତି ସେବକମାନେ ରତ୍ନସିଂହାସନ ଉପରେ ଚଢ଼ି ଦୀର୍ଘ ସମୟ ଧରି ମହାପ୍ରଭୁଙ୍କ ଏହି ଗୁପ୍ତନୀତି ସମ୍ପାଦନ କରିଥିଲେ। ଖସାପଡ଼ା ନୀତି ଶ୍ରୀଜୀଉମାନଙ୍କର ଶ୍ରୀପୟର ସୁରକ୍ଷା ଲାଗି କରାଯାଇଥାଏ। ଏହି ନୀତିରେ ମହାପ୍ରଭୁଙ୍କ ଶ୍ରୀପୟରକୁ ଧଳା କପଡ଼ାରେ ଘୋଡ଼ାଇ ଦିଆଯାଏ। ବର୍ଷରେ ଦୁଇରୁ ତିନିଥର ଏହି ନୀତି ସମ୍ପାଦନ କରାଯାଏ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ମୁଖ୍ୟତଃ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ସାଧାରଣ ଦର୍ଶନ ବନ୍ଦ ରହେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା।



କଟକ : ରାଜଭବନ ସମ୍ମୁଖସ୍ଥ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ଶଙ୍ଖ ଭବନରେ ପବିତ୍ର ଓଡ଼ିଶା ଦିବସ ସମାରୋହ ପାଳନ ଅବସରରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

# ଖୁବ୍‌ଶୀଘ୍ର ଖୋଲିବ କପିଳାସ ରୋଡ୍ ରେଳ ଓଭରବ୍ରିଜ୍ : ସମୀକ୍ଷା କଲେ ବୈଜୟନ୍ତ ପଣ୍ଡା

**ଭୁବନେଶ୍ୱର,୧/୦୪ ନ୍ୟୁଜ ବ୍ୟୁରୋ**

ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ତଥା କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ସୋମବାର ଟାଙ୍ଗୀ ଠାରେ ୧୭୪ନଂ କପିଳାସ ରୋଡ ରେଳ ଓଭରବ୍ରିଜ୍ ନିର୍ମାଣ ସ୍ଥଳ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ପରେ ଖୁବ୍‌ଶୀଘ୍ର ଏହା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବ ବୋଲି କହିଛନ୍ତି। ଶ୍ରୀ ପଣ୍ଡାଙ୍କ ଗତ ୨୦୧୦ ମସିହାରୁ ନିରନ୍ତର ଉଦ୍ୟମ ଯୋଗୁ କଟକ ଜିଲ୍ଲାର ଟାଙ୍ଗୀ ଠାରେ କପିଳାସ ରୋଡ ରେଳ ଫାଟକରେ ଏକ ରେଳ ଓଭରବ୍ରିଜ ପାଇଁ ଜନସାଧାରଣଙ୍କର ବହୁ ଦିନର ଦାବି ପୂରଣ ହେବାକୁ ଯାଉଛି। ଏହି



ପ୍ରସ୍ତାବକୁ ଇଷ୍ଟକୋଷ୍ଟ ରେଳବାଇ ବୋର୍ଡ ଅନୁମୋଦନ କରିସାରିଥିବା ବେଳେ ଉଭୟ ରାଜ୍ୟ ସରକାର ଓ ରେଳ ବିଭାଗଙ୍କ ବ୍ୟୟ ଅଟକଳରେ ଏହି ରେଳ ଓଭରବ୍ରିଜ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶିଘ୍ର ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ଅଗ୍ରଗତି ପାଇଁ ଶ୍ରୀ ପଣ୍ଡା କ୍ରମାଗତ ଚେଷ୍ଟା କରିବାସହ ବିଭିନ୍ନ ସମୟରେ ରେଳମନ୍ତ୍ରୀଙ୍କୁ ଭେଟି ପ୍ରକଳ୍ପର ଅଗ୍ରଗତି ପାଇଁ ଦାବି କରିବା ସହ ୨୦୧୦ ମସିହା ଠାରୁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ, ଜାତୀୟ ରାଜପଥ ଓ ରେଳବାଇ ବିଭାଗ ଦ୍ୱାରା ପ୍ରକଳ୍ପର ନିରୀକ୍ଷଣ ଓ ବାରମ୍ବାର ସମୀକ୍ଷା ପରେ ଉଭୟ ରାଜ୍ୟ ସରକାର ଓ ରେଳବାଇ ବିଭାଗର ପ୍ରାୟ ୯୦ କୋଟି ଟଙ୍କାର ଯୁଗ୍ମ ବ୍ୟୟବରାଦକୁ କେନ୍ଦ୍ର ରେଳ ବିଭାଗ ଅନୁମୋଦନ କରିଥିଲେ।

ସୂଚନାଯୋଗ୍ୟ, ଯେ ସ୍ଥାନୀୟ ଜନସାଧାରଣଙ୍କର ବହୁଦିନର ଦାବିକୁ ଅନୁଧ୍ୟାନ ଓ ସମ୍ମାନ ଜଣାଇ ସ୍ଥାନୀୟ ସାଂସଦ ବୈଜୟନ୍ତ ପଣ୍ଡା ଗତ ୨୦୧୦ ମସିହା ଠାରୁ କ୍ରମାଗତ ଭାବେ କେନ୍ଦ୍ର ରେଳ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ସହିତ ବିଭିନ୍ନ ସମୟରେ ଆଲୋଚନା ଓ ସମୀକ୍ଷା କରି ଏହି ପ୍ରକଳ୍ପଟିକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ। ଶେଷରେ କେନ୍ଦ୍ର ସରକାର ଜନସାଧାରଣଙ୍କ ଦାବି ଓ ସାଂସଦ ଶ୍ରୀ ପଣ୍ଡାଙ୍କ ପ୍ରଚେଷ୍ଟାକୁ ବିଚାରକୁ ନେଇ ଟାଙ୍ଗୀ ୧୭୪ ନଂ ରେଳ ଫାଟକ ଠାରେ ରେଳ ଓଭରବ୍ରିଜ କରିବା ପାଇଁ ପଥ ପରିଷ୍କାର କରି ରେଳ ବିଭାଗର ପ୍ରସ୍ତାବିତ କାର୍ଯ୍ୟ ଚିଠାର ୧୯୭ ନମ୍ବରରେ ଏହି ପ୍ରକଳ୍ପଟିକୁ ତାଲିକାଭୁକ୍ତ କରିଥିଲେ। ଏହି ସମୀକ୍ଷା ବୈଠକରେ ଶ୍ରୀ ପଣ୍ଡାଙ୍କ ସମେତ ଇଷ୍ଟକୋଷ୍ଟ ରେଳବାଇର ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ସୁଧିର କୁମାର ପରିଡ଼ା, ଜାତୀୟ ରାଜପଥ- ୧୬ର ବରିଷ୍ଠ ଅଧିକାରୀ ଭାବଗ୍ରାହୀ ଦାସ, ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ ସୁରଜ ସିଂହ, ଗୃହ ଓ ରାସ୍ତା ବିଭାଗ (ଟାରବାଟିଆ) ଅଜିତ ରାୟ ଓ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ସ୍ଥାନୀୟ ଜନତା, ନେତୃବୃନ୍ଦ, ଯୁବନେତା, ସମାଜସେବୀ ଯୋଗ ଦେଇଥିଲେ।

# କିଟ୍ ଓ କିସ୍ ପକ୍ଷରୁ ଉତ୍କଳ ଦିବସ ପାଳିତ

**ଭୁବନେଶ୍ୱର, ୧।୪ ନ୍ୟୁଜ ବ୍ୟୁରୋ**



କିଟ୍ ଓ କିସ୍ ପକ୍ଷରୁ ଉତ୍କଳ ଦିବସ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନର ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ କହିଲେ, ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶହେବର୍ଷ ପୂରଣ କରିବାକୁ ଯାଉଛି। ଇତି ମଧ୍ୟରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିଥିବା ବେଳେ ବିଗତ ୩ ଦଶନ୍ଧି ଧରି ଓଡ଼ିଶାର ବିକାଶରେ କିଟ୍ ଓ କିସ୍‌ର ଯୋଗଦାନ ରହିଆସିଛି ଏବଂ ଆଗାମୀ ଦିନରେ ମଧ ଓଡ଼ିଶାର ବିକାଶ ଧାରାରେ କିଟ୍ ଓ କିସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଡ. ସାମନ୍ତ କହିଥିଲେ। କିସ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଉତ୍କଳୀୟ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଉଚ୍ଚ ପ୍ରଶଂସା କରି ୟୁନେସ୍କୋ ସାଂସ୍କୃତିକ ଐତିହ୍ୟରେ କଟକ ବାଲିଯାତ୍ରା ସ୍ଥାନ ପାଇବାକୁ ଯାଉଥିବା ବିଷୟ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ଡା. ସିବିକେ ମହାନ୍ତି ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉତ୍କଳ ଦିବସ ଉପରେ ନିଜନିଜର ମତ ରଖିଥିଲେ। ଶେଷରେ କିଟ୍ ଓ କିସ୍ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା।



କଟକ : ବକ୍ସିବଜାରର ରିର୍ଜଭ ପୋଲିସ ଗ୍ରାଉଣ୍ଡରେ ଆୟୋଜିତ ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅଭିବାଦନ ଗ୍ରହଣ କରୁଛନ୍ତି ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ। (ଫଟୋ : ସମ୍ବାଦ କଳିକା)

# ନୂଆଦିଲ୍ଲୀ ଏମ୍‌ସରେ ବରିଷ୍ଠ ନାଗରିକମାନଙ୍କ ପାଇଁ ପୃଥକ ଚିକିତ୍ସା ବ୍ୟବସ୍ଥା

**ନୂଆଦିଲ୍ଲୀ**

ବରିଷ୍ଠ ନାଗରିକମାନଙ୍କ ଚିକିତ୍ସା ପାଇଁ ନୂଆଦିଲ୍ଲୀ ଏମ୍‌ସ ପକ୍ଷରୁ ପୃଥକ ଭାବେ ସ୍ୱତନ୍ତ୍ର ବିଭାଗ ଖୋଲାଯାଇଛି। ଏହି ବିଭାଗର ନାମ 'ନ୍ୟାସନାଲ ସେଣ୍ଟର ଫର ଏଜିଂ' ରଖାଯାଇଛି। ନୂଆଦିଲ୍ଲୀର ଅଗଷ୍ଟ କ୍ରାନ୍ତି ମାର୍ଗରେ ଏହି ବିଭାଗ ଖୋଲାଯାଇଛି। ଏହି ବିଭାଗକୁ ଚିକିତ୍ସା ପାଇଁ ବରିଷ୍ଠ ନାଗରିକମାନେ ଗଲେ ପ୍ରଥମେ ତାଙ୍କୁ ନିଜର 'ଆଧାର' କାର୍ଡ଼ ଦେଖାଇ ରେଜିଷ୍ଟ୍ରେସନ କରିବାକୁ ପଡ଼ିବ। ପରେ ସେଠାରେ ନିଯୁକ୍ତ ଡାକ୍ତରମାନେ ବରିଷ୍ଠ ନାଗରିକଙ୍କୁ ଦେଖି ଔଷଧ ପ୍ରଦାନ କରିବେ। ସର୍ଜରୀ ଭଳି ଚିକିତ୍ସା ଆବଶ୍ୟକ ହେଲେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଏ। ଆଖି ପରୀକ୍ଷା ଏବଂ ୟୁରୋଲୋଜି ସମସ୍ୟା ସମ୍ପର୍କରେ ବରିଷ୍ଠ ନାଗରିକମାନେ ବିନା ଦେୟରେ ଚିକିତ୍ସିତ ହେବା ସହ ମାଗଣାରେ ଔଷଧ ମଧ୍ୟ ପାଇପାରିବେ।

# ଓଡ଼ିଶା ଦିବସ ପାଳନ ଅବସରରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ଆଲୋଚନାଚକ୍ର

**ବନାରସ**

ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଥିବା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ଚେୟାର ପକ୍ଷରୁ ପ୍ରଥମ କରି ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ସଂକ୍ରାନ୍ତରେ ଏକ ଦୁଇ ଦିନିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରର ନାମ 'ନାଓ ଓଡ଼ିଆ, ନାଓ ଓଡ଼ିଶା : ଏ ୱିଣ୍ଡୋ ଟୁ ଓଡ଼ିଶାସ୍ ହେରିଟେଜ୍' ରଖାଯାଇଛି। ଓଡ଼ିଶା ଦିବସ ପାଳନ ଅବସରରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମନୋରମା ବିଶ୍ୱାଳ ମହାପାତ୍ର, ସଂଗୀତା ଗୋସାଇଁ, ସୂର୍ଯ୍ୟ ଦେଓ ଏବଂ ଗୁରୁକଲ୍ୟାଣ ମହାପାତ୍ରଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନେ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।

# ଜବତ ଗାଡି ଗୁଡିକୁ ବେଶି ଦିନ ରଖିବା ଆଇନ୍ ସମ୍ମତ ନୁହେଁ : ହାଇକୋର୍ଟ

**କଟକ, ୦୧/୦୪: ନ୍ୟୁଜ ବ୍ୟୁରୋ**

ପୁଲିସ ଥାନା, ଅବକାରୀ କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗଦା ଗଦା ଜବତ ଗାଡ଼ି ବର୍ଷ ବର୍ଷ ଧରି ପଡି ରହିବା ପ୍ରସଂଗକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁଲିସ, ଅବକାରୀ ଓ ବନ ବିଭାଗ ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ମାମଲାରେ ଜବତ ଗାଡ଼ି ଗୁଡ଼ିକ ଖୋଲା ସ୍ଥାନରେ ରଖାଯାଉଛି। ସିଧା ସଳଖ ଖରା ବର୍ଷାରେ ଏହି ସବୁ ଗାଡ଼ି ପଡ଼ି ରହୁଛି। ଗାଡ଼ି ଗୁଡ଼ିକ ନ ଚାଲି ଗୋଟିଏ ଜାଗାରେ ପଡ଼ି ରହିବା କାରଣରୁ ଖରାପ ହୋଇଯାଇଥାଏ। ପୁଲିସ ହେପାଜତରେ ଜବତ ଗାଡି ଯଦି ଅନିଶ୍ଚିତ ସମୟ ପାଇଁ ପଡିରହିଥାଏ ତାହା ମାମଲାର ଅଗ୍ରଗତିରେ ସହାୟକ ହୋଇନଥାଏ। ବରଂ ଏଭଳି ସ୍ଥିତିରେ ପଞ୍ଜୀକୃତ ମାଲିକଙ୍କ ବ୍ୟାପକ କ୍ଷତି ହୋଇଥାଏ ବୋଲି ହାଇକୋର୍ଟ କହିଛନ୍ତି । ଚୋରା ଗଞ୍ଜେଇ କାରବାର ମାମଲାରେ ଜବତ ହୋଇଥିବା ଏକ ଗାଡିକୁ ଖଲାସ କରିବା ପ୍ରସଂଗରେ ରୁଜୁ ଆବେଦନର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଏପରି ରାୟ ପ୍ରକାଶ କରିଛନ୍ତି। ଏଥିସହ ଉକ୍ତ ଗାଡିକୁ ଆବେଦନକାରୀଙ୍କୁ ହସ୍ତାନ୍ତର ପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି ହାଇକୋର୍ଟ । ରାଜେଶ କୁମାର ସାହୁଙ୍କ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ



ଦେଇଛନ୍ତି। ଥାନାରେ ଗାଡି ଖରା ବର୍ଷାରେ ପଡିରହିଲେ ଏହା ମୂଲ୍ୟ ହ୍ରାସ ହେବା ସହ ଭବିଷ୍ୟତରେ ବ୍ୟବହାର ଅନୁପଯୋଗୀ ହୋଇଯିବ । ଏଭଳି ଅନିଶ୍ଚିତ କାଳ ସମ୍ପତ୍ତିକୁ ଜବତ କରି ରଖିବାକୁ ଆଇନ ମଧ ଅନୁମତି ଦିଏ ନାହିଁ । ଜବତ ସମ୍ପତ୍ତି ସୁରକ୍ଷିତ ଓ ସଂରକ୍ଷିତ ହୋଇ ରହିବା ଉଚିତ ବୋଲି କହିଛନ୍ତି ହାଇକୋର୍ଟ। ଗତ ୨୦୨୩ ମାର୍ଚ୍ଚ ୩୦ରେ ଫିରିଙ୍ଗିଆ ଥାନା ପୁଲିସ ଏକ ଅଟୋ ରିକ୍ସା ସହ ଏଥିରେ ଭର୍ତ୍ତି ହୋଇଯାଉଥିବା ୭୮ କିଲୋ ଗଞ୍ଜେଇକୁ ଜବତ କରିଥିଲା। ଏନଡିପିଏସ ଆଇନରେ ମାମଲା ରୁଜୁ ସହ ଅଭିଯୁକ୍ତ ରାଜେଶ କୁମାର ସାହୁଙ୍କୁ ଗିରଫ କରିଥିଲା । କେତେକ ଆଇନଗତ କଟକଣା ପାଇଁ ଜବତ ଗାଡ଼ି ଗୁଡ଼ିକ ଉପଯୁକ୍ତ ବ୍ୟକ୍ତିଙ୍କ ଜିମାରେ ଛଡା ଯାଇ ପାରୁ ନାହିଁ ବୋଲି ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା। ଗଞ୍ଜେଇ ଚାଲାଣ ଅଭିଯୋଗ ମାମଲାରେ ଆବେଦନକାରୀଙ୍କ ଏକ କାର୍ ଫିରିଙ୍ଗିଆ ଥାନା ପୁଲିସ ଜବତ କରିଥିଲା। ମାମଲା ବିଚାରାଧୀନ ଥିବା ବେଳେ ଜବତ ଗାଡ଼ି ଜିମାରେ ଛାଡ଼ିବାକୁ ନିବେଦନ କରି ଆବେଦନକାରୀ ଦାଖଲ କରିଥିବା ଆବେଦନ ନିମ୍ନ ଅଦାଲତରେ ଖାରଜ ହୋଇଥିଲା। ଏହାପରେ ନିମ୍ନ ଅଦାଲତ ନିର୍ଦ୍ଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଭିନ୍ନ ମାମଲାରେ ଜବତ ଗାଡ଼ି ଗୁଡ଼ିକ ଅନେକ ସମୟରେ ପୁଲିସ ଥାନା, ଅବକାରୀ ବିଭାଗ ଓ ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଖୋଲା ଆକାଶ ତଳେ ବର୍ଷ ବର୍ଷ ଧରି ପଡ଼ି ରହିବା ପ୍ରସଙ୍ଗକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଥିଲେ। ଏଥି ସହିତ ଆବଶ୍ୟକ ସର୍ତ୍ତ ଧାର୍ଯ୍ୟ କରି ଆବେଦନକାରୀଙ୍କ ଜିମାରେ ଜବତ ଗାଡ଼ି ଛାଡ଼ିବାକୁ ନିମ୍ନ ଅଦାଲତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ଓ ଅନ୍ୟ ହାଇକୋର୍ଟଙ୍କ କେତେକ ରାୟକୁ ଦୃଷ୍ଟାନ୍ତ ଭାବେ ଗ୍ରହଣ କରି ଖଣ୍ଡପୀଠ ଜବତ ଗାଡିକୁ ଛାଡିବା ପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି।


## ପ୍ରକାଶ ଅପେକ୍ଷାରେ...

## 'କଥାକଳିକା' ଏପ୍ରିଲ-୨୦୨୫ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ

**ସମକାଳର କଥା :** ବୀରେଶ୍ୱର ମହାନ୍ତି, ପ୍ରଦ୍ୟୁମ୍ନ ପଟ୍ଟନାୟକ, ବରଦା ପ୍ରସନ୍ନ ଦାସ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, କନକ ମଂଜରୀ ମିଶ୍ର, ସୁଜାତା ମହାପାତ୍ର, ଜ୍ଞାନରଂଜନ ନାୟକ, ସଂଯୁକ୍ତା ଦାଶ, ଶରତ କୁମାର ଜେନା, ଅକ୍ଷୟ କୁମାର ମିଶ୍ର, ସୁନୀତା କର।

**ଅନ୍ୟ ଭାଷାର କଥା :** ରେବା ପଟ୍ଟନାୟକ

**ଯୁବ ମାନସର କଥା :** ରଜତ ରଶ୍ମି ସ୍ୱାଇଁ, ପ୍ରତିଭା ସାହୁ, ସୁସ୍ମିତା ମହାପାତ୍ର, ସସ୍ମିତା ରାଉତ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)


# ବିଏମସି ଟ୍ୟାକ୍ସ ଆଦାୟର ଟାର୍ଗେଟ ଥିଲା ୩୦୦ କୋଟି, ୧୯୦ କୋଟିରେ ସୀମିତ ରହିଲା

**ଭୁବନେଶ୍ୱର,୧/୪ ନ୍ୟୁଜ ବ୍ୟୁରୋ**

ଟାର୍ଗେଟ ଥିଲା ୩୦୦ କୋଟି ଆଦାୟ କରିବେ । ଏନ୍‌ଫୋର୍ସମେଣ୍ଟ ଟିମ୍ ସହର ସାରା ବୁଲିଲେ । ମାର୍ଚ୍ଚ ମାସ ସରିଛି । ଆଦାୟ ହୋଇଛି ମାତ୍ର ୧୯୦ କୋଟି ଟଙ୍କା । ଚଳିତ ବର୍ଷ ବି ଟିକସ ଆଦାୟରେ ବିଏମ୍‌ସି ଫେଲ ମାରିଛି। ବିଏମ୍‌ସି ୨୦୨୪-୨୫ ଆର୍ଥିକ ବର୍ଷରେ ୧୩୨ କୋଟି ଟଙ୍କା ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବାକୁ ଲକ୍ଷ୍ୟ ରଖିଥିଲା । ବର୍ଷ ସରିଲା, ଆଦାୟ ହୋଇଛି ମାତ୍ର ୮୮ କୋଟି ଟଙ୍କା । ଦକ୍ଷିଣ-ପୂର୍ବ ଜୋନ୍ ସର୍ବାଧିକ ୬୪ ପ୍ରତିଶତ ଆଦାୟ କରିଥିବା ବେଳେ ଉତ୍ତର ଜୋନ୍ ନିରାଶ ହୋଇଛି । ହୋଲ୍ଡିଂ ଟ୍ୟାକ୍ସ ଆଦାୟରେ ପୁଣି ଫେଲ୍ ମାରିଛି ବିଏମ୍‌ସି । ୧୦୦ କୋଟି ଟଙ୍କା ଛୁଇଁ ପାରିଲା ନାହିଁ । ଚଳିତ ବର୍ଷ ୧୩୨ କୋଟି ଟଙ୍କା ଡିମାଣ୍ଡ ଥିବା ବେଳେ ୧୨୦କୋଟି ଟଙ୍କାର ଟାର୍ଗେଟ ଦିଆଯାଇଥିଲା । ହେଲେ ୩ଟି ଜୋନ୍‌ରୁ ଆଦାୟ ହୋଇଛି ମାତ୍ର ୮୮ କୋଟି ଟଙ୍କା । ଦକ୍ଷିଣ-ପୂର୍ବ ଜୋନକୁ ୩୭.୯୮କୋଟି ଟଙ୍କାର ହୋଲ୍ଡିଂ ଟ୍ୟାକ୍ସ ଟାର୍ଗେଟ ଦିଆଯାଇଥିଲା। ହେଲେ ଆଦାୟ ହୋଇଛି ମାତ୍ର ୨୭ କୋଟି । ଟାର୍ଗେଟର ୬୪ ପ୍ରତିଶତ ଆଦାୟ କରିଛି ଜୋନ୍ । ସେହିପରି ଦକ୍ଷିଣ-ପଶ୍ଚିମ ଜୋନ୍‌କୁ ୩୭.୯୮ କୋଟି ଟାର୍ଗେଟ ଦିଆଯାଇଥିବା ବେଳେ



ଆଦାୟ ହୋଇଛି ମାତ୍ର ୨୪ କୋଟି। ଉତ୍ତର ଜୋନର ୪୯.୪୬ କୋଟି ଟାର୍ଗେଟରୁ ମାତ୍ର ୩୦ କୋଟି ଟଙ୍କା ଆଦାୟ ହୋଇଛି। ମିଳିଥିବା ସୂଚନା ମୁତାବକ ବିଏମ୍‌ସି ୧୮୧ କୋଟି ଟଙ୍କାର ରାଜସ୍ୱ ଆଦାୟ କରିଛି। ସେଥିମଧ୍ୟରେ ୮୮ କୋଟି ଟଙ୍କାର ହୋଲ୍ଡିଂ ଟ୍ୟାକ୍ସ, ଟ୍ରେଡ ଲାଇସେନ୍ସ ବାବଦକୁ ୫.୧୬ କୋଟି, ବିଜ୍ଞାପନରେ ୧୩ କୋଟି, ଅର୍ବାନ ରେଣ୍ଟରୁ ୫.୨ କୋଟି, ପାର୍କିଂରୁ ୯୦ ଲକ୍ଷ ଏବଂ ଅନ୍ୟାନ ବାବଦକୁ ୬୦ କୋଟିର ରାଜସ୍ୱ ଆଦାୟ ହୋଇଛି । ସେପଟେ କିଛି ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ନାଁରେ କୋଟି କୋଟି ଟଙ୍କାର ହୋଲ୍ଡିଂ ଟ୍ୟାକ୍ସ ବକେୟା ପଡିଛି । ବାରମ୍ବାର ନୋଟିସ ସତ୍ତ୍ୱେ ଏହି ସବୁ ଅନୁଷ୍ଠାନ ଟ୍ୟାକ୍ସ ପୈଠ କରିନାହାନ୍ତି । ଏହି ସବୁ ଅନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନା ଏସବୁ ହୋଲ୍ଡିଂ ଟ୍ୟାକ୍ସ ମାଫ୍ କରିଦିଆଗଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ତଥାପି ହୋଲ୍ଡିଂ ଟ୍ୟାକ୍ସ ଆଦାୟରେ ଭଲ ପ୍ରଦର୍ଶନ ରହିଛି । ଆଗକୁ ଟାର୍ଗେଟ ପୂରଣ କରିବାକୁ ଲକ୍ଷ୍ୟ ରଖିଛୁ । କିଛି ସରକାରୀ ଅନୁଷ୍ଠାନ ଟଙ୍କା ବାକି ରଖିଛନ୍ତି । ଆଦାୟ ପାଇଁ ସେମାନଙ୍କୁ ବିଏମ୍‌ସି ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଆଉ ୧୦ କୋଟି ଟଙ୍କା ଆଦାୟ ହେଲ ୨୦୦ କୋଟି ଛୁଇଁବ ।